

ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତ- ଏମାନେ ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
- ମହାକବି କାଳିଦାସ



## ସଂକ୍ଷେପରେ

### ଚୋରି, ଅପହରଣ ଅଭିଯୋଗ

**କୋରାଇ,୬।୧୧(ସ୍ୱ.ପ୍ର.):** କାରାଇ ଥାନା ଅଞ୍ଚଳ ବରୁଣ୍ଡାଇ ଗ୍ରାମର ସେକ ନାଜିରଙ୍କ ଘରେ ଚୋରି ହୋଇଥିବା ନେଇ ବୁଧବାର ତାଙ୍କ ସ୍ତ୍ରୀ ରେସମି ବିବି ଅଭିଯୋଗ କରିଛନ୍ତି। ମଙ୍ଗଳବାର ରାତିରେ କେହି ଜଣେ ଦୁର୍ବୃତ୍ତ ଆଲମିରା ଭାଙ୍ଗି ନଗଦ ୫ ହଜାର ଟଙ୍କା, ସୁନାମୁଦି, ରୁପାଅଲଙ୍କାର ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିବା ସେ ଅଭିଯୋଗ ଦର୍ଶାଇଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ. ୨୪୪/୧୯) ରୁଜୁକରି ତଦନ୍ତ ଚଳାଇଛି। ସେହିପରି ମକୁନ୍ଦପୁର ଗ୍ରାମର ନିରଞ୍ଜନଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀଙ୍କ ଅଭିଯୋଗ ମୁତାବକ କୌଣସି ଏକ କାରଣକୁ ନେଇ ବରୁଣ୍ଡାଇ ଗ୍ରାମର ସେକ୍ ମନାନଙ୍କ ପୁଅ ସେକବୋରାନ, ସେକ୍ ରାଜା ଓ ସେକ୍ ଅଲ୍ଲାରଖା ମକୁନ୍ଦପୁର ଗ୍ରାମକୁ ଆସି ତାଙ୍କୁ ଓ ସ୍ୱାମୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଥିସହ ନିରଞ୍ଜନଙ୍କୁ ଅପହରଣ କରିନେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୨୪୫/୧୯) ରୁଜୁକରି ତଦନ୍ତ ଚଳାଇଛି।

### ମଦ ଜବତ, ବ୍ୟବସାୟୀ କୋର୍ଟ ଚାଲାଣ

**ଜେନାପୁର,୬।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ୫୩ନଂ ନମ୍ବର ଜାତୀୟ ରାଜପଥର ବାଘୁଆ ଛକରୁ ମଙ୍ଗଳବାର ପୋଲିସ ଜଣେ ମଦ ବ୍ୟବସାୟୀଙ୍କୁ ଗିରଫ କରିଥିଲା। ଏଥିସହ ୫ ଲିଟର ଚୋରା ବିଦେଶୀ ମଦ ଜବତ କରିଥିଲା। ଏ ନେଇ ଏକ ମାମଲା (ନଂ ୨୫୮/୧୯) ରୁଜୁକରି ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତ ଜଣଙ୍କ ହେଲେ ଚକ୍ରଧରପୁର ପଞ୍ଚାୟତ ବଲାଙ୍ଗିଆ ଗ୍ରାମର ଭାଗୀରଥି କେଶରୀ (୪୧)।

କଂସ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ

### ହାଇକୋର୍ଟ ଆଦେଶରେ ଭୋଟ ଗଣତି ବନ୍ଦ

**କାଳିଆପାଣି,୬।୧୧(ଡି.ଏନ୍.ଏ.):** ସୁକିନ୍ଦା ବ୍ଲକ କଂସ ପଞ୍ଚାୟତର ସରପଞ୍ଚ ରବୀନ୍ଦ୍ର ସାହୁଙ୍କ ବରୋଧରେ ଆଗତ ଅନାସ୍ଥା ଉପରେ ଜିଲାପ୍ରଶାସନ ପକ୍ଷରୁ ବୁଧବାର ଭୋଟ ପ୍ରଦାନ ହୋଇଥିଲା। କିନ୍ତୁ ସରପଞ୍ଚ ହାଇକୋର୍ଟଙ୍କ ନିକଟରେ ଭୋଟ ବନ୍ଦ କରିବା ପାଇଁ ଆବେଦନ ଉପରେ ଭୋଟ ଗଣନାକୁ ପ୍ରଶାସନ ବନ୍ଦ କରିଦେଇଛି। କିଛିଦିନ ତଳେ କଂସ ପଞ୍ଚାୟତରେ କେତେଜଣ ୱାର୍ଡମେମ୍ବର ସରପଞ୍ଚଙ୍କ ବିରୋଧରେ ଅନିୟମିତତା ଅଭିଯୋଗ କରି ବହିଷ୍କାର ପାଇଁ ଉପଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହା ଉପରେ ପ୍ରଶାସନ ପକ୍ଷରୁ ଅନାସ୍ଥାପ୍ରସ୍ତାବ ପାଇଁ ନଭେମ୍ବର ୬ ତାରିଖ ଧାର୍ଯ୍ୟ ହୋଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ସରପଞ୍ଚ ରବୀନ୍ଦ୍ର ସାହୁ ହାଇକୋର୍ଟ ଦ୍ୱାସ୍ତ ହୋଇଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାଇ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟରେ ଭୋଟିଂ କରାଯାଇଥିଲା। ଏଥିରେ ସମସ୍ତ ୧୧ ଜଣ ୱାର୍ଡମେମ୍ବର ସହ ସରପଞ୍ଚ ଭୋଟ ଦେଇଥିଲେ। ପ୍ରଶାସନ ପକ୍ଷରୁ ଏହାକୁ ଗଣତି କରା ନ ଯାଇ ଜିଲାପ୍ରଶାସନ କାର୍ଯ୍ୟାଳୟକୁ ନେଇଯାଇଥିବା ଜଣାପଡ଼ିଛି।

ଭୂତଳ ଜଳ ସଂରକ୍ଷଣ ପାଇଁ ଚେତା ପଶିଲା

# ପଞ୍ଚାୟତିରାଜ ବିଭାଗକୁ ଚିଠି ଲେଖିଲେ ଇଆଇସି

**ଯାଜପୁର ଅଫିସ,୬।୧୧**

ଆର୍ଥିକ ଅଭିବୃଦ୍ଧି ପାଇଁ ଶିଳ୍ପାୟନ ଆବଶ୍ୟକ। ତେଣୁ ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଶିଳ୍ପ କାରଖାନାଗୁଡ଼ିକୁ ଭୂତଳ ଜଳ ବ୍ୟବହାର କରିବାକୁ ସୁଯୋଗ ଦିଆଯାଉଛି। ହେଲେ ବିଭିନ୍ନ ଶିଳ୍ପ ସଂସ୍ଥା ମନ ଇଚ୍ଛା ଭୂତଳ ଜଳ ବ୍ୟବହାର କରୁଛନ୍ତି। ଅପରପକ୍ଷେ ଭୂତଳ ଜଳ ହ୍ରାସ ଯୋଗୁ ଲୋକେ ଖରା ମାସରେ ପାଣି ଟିକକ ପାଇଁ ହନ୍ତସନ୍ତ ହେଉଛନ୍ତି। ଶିଳ୍ପ କାରଖାନାଗୁଡିକ ଚୁକ୍ତିଠାରୁ ବହୁ ଗୁଣରେ ଭୂତଳ ଜଳ ବ୍ୟବହାର ଭୂତଳ ଜଳ ହ୍ରାସର ମୁଖ୍ୟ କାରଣ ବୋଲି ଯାଜପୁର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ(ଆରଡବ୍ଲ୍ୟୁଏସ୍ଏସ୍)ର ନିର୍ବାହୀ ଯନ୍ତ୍ରୀ ଏକାଧିକ ଥର ରିପୋର୍ଟ ଦେଉଥିଲେ ହେଁ କିଛି ସଫଳତା ମିଳୁନାହିଁ। ତେବେ ଧରିତ୍ରୀ ଓ ଓଡିଶାପୋଷ୍ଟରେ ଏହି ମର୍ମରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବା ପରେ ଆରଡବ୍ଲ୍ୟୁଏସ୍ଏସ୍ର ଇଞ୍ଜିନିୟର-ଇନ୍-ଚିଫ(ଇଆଇସି) ଭୂତଳ ଜଳ ସଂରକ୍ଷଣ ଓ ଅପଚୟ ସଂକ୍ରାନ୍ତରେ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବଙ୍କୁ ପତ୍ର ଲେଖିଛନ୍ତି। ତେବେ ଏହି ପତ୍ର କେତେଦୂର କାର୍ଯ୍ୟକାରୀ ହେଉଛି ସେ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି ।

୨୦୧୬ ମେ ମାସରେ ରାଜ୍ୟରେ ଜଳ ସଂରକ୍ଷଣ ଓ ଭୂତଳ ଜଳ ପୁନଃଭରଣ ପାଇଁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତି ଓ କାର୍ଯ୍ୟକାରିତା ପାଇଁ ପଦକ୍ଷେପ ସମ୍ପର୍କରେ ବିଧାନସଭାରେ ପ୍ରଶ୍ନ ଉଠିଥିଲା। ଏହାପରେ ଆରଡବ୍ଲ୍ୟୁଏସ୍ଏସ୍ର ଇଆଇସି ତାଙ୍କ ପତ୍ରସଂଖ୍ୟା ୬୦୮୩/୧୦।୬।୨୦୧୬ ଓ ୩୪୭୪/୧।୬।୨୦୧୬ରେ ବିଭାଗୀୟ ନିର୍ବାହୀଯନ୍ତ୍ରୀମାନଙ୍କୁ ଏହାର ପ୍ରତିକାର ପାଇଁ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଏହାବାଦ ଗ୍ରାମ୍ୟ ଉନ୍ନୟନ ବିଭାଗର ଉପସଚିବ ସୁବାସ ଚନ୍ଦ୍ର ଦାସ ତାଙ୍କ ପତ୍ରସଂଖ୍ୟା ୩୪୭୪/୧।୬।୨୦୧୬ରେ ଆରଡବ୍ଲ୍ୟୁଏସ୍ଏସ୍ର ଇଆଇସିଙ୍କୁ ଜଳ ସଂରକ୍ଷଣ ଓ ଭୂତଳ ଜଳ ପୁନଃଭରଣ ଉପରେ ପଦକ୍ଷେପ ନେବାକୁ ମଧ୍ୟ ପତ୍ର ଲେଖିଥିଲେ। କିନ୍ତୁ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଶିଳ୍ପ କାରଖାନାଗୁଡ଼ିକ ଚୁକ୍ତିଠାରୁ ବହୁ ଗୁଣରେ ଭୂତଳ ଜଳ ଉତ୍ତୋଳନ କରୁଥିବା କାରଣ



ଦର୍ଶାଇ ଏଯାଏ ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇପାରି ନାହିଁ। ରାଜ୍ୟରେ ଭୂତଳ ଜଳସ୍ତର ହ୍ରାସ, ଭୂତଳ ଜଳ ପୁନଃଭରଣ ଓ ପ୍ରଦୂଷଣମୁକ୍ତ କରିବା ପାଇଁ ସରକାର ଆଦୌ ଦୃଷ୍ଟି ଦେଉ ନାହାନ୍ତି। ରାଜ୍ୟରେ ଭୂତଳ ଜଳସ୍ତର ହ୍ରାସ ପାଇବା ସହ ପ୍ରବାହିତ ବିଭିନ୍ନ ପ୍ରାକୃତିକ ଜଳଉତ୍ସ, ଝରଣା, ନଦୀ, ନାଳ ଶୁଖିଯାଇ ଶଯ୍ୟା ଶୁଷ୍କ ହୋଇ ପଡୁଛି। ଫଳରେ ମଣିଷଠାରୁ ଜୀବଜନ୍ତୁ ପର୍ଯ୍ୟନ୍ତ ପାଣି ଟୋପାଏ ପାଇଁ ତହଳବିକଳ ହେଉଛନ୍ତି । ରାଜ୍ୟରେ ପ୍ରଗତି ନାମରେ ପ୍ରକୃତି ମାତାର ଦାନ ପରିବେଶକୁ ଧ୍ୱଂସ କରାଯାଉଥିବା କାରଣରୁ ଏହି ଅବସ୍ଥା ସୃଷ୍ଟି ହୋଇଛି। ରାଜ୍ୟରେ ଖଣି ଖନନ, ଶିଳ୍ପାୟନ ଓ ଗୃହ ନିର୍ମାଣ ପାଇଁ ବ୍ୟାପକ ଭାବେ ବୃକ୍ଷଲତା କଟାଯାଇ ତା ପ୍ରତିବଦଳରେ ବୃକ୍ଷରୋପଣ ସହ ବନୀକରଣ କରା ନ ଯିବା କାରଣରୁ ପ୍ରବାହମାନ ଜଳଉତ୍ସଗୁଡିକ ଜଳ ନିର୍ଗମନ କ୍ଷମତା ହ୍ରାସ ପାଉଛି। ସେହି ଜଳଧାରା ଦିନକୁ ଦିନ ଶୁଷ୍କ ହେବା ସହ ତାହା ସ୍ଥାଣୁ ମୃତ ଜଳଧାରାରେ ପରିଣତ ହୋଇଛି। କେନ୍ଦୁଝର ଜିଲା ଗୋନାସିକା ପାହାଡ଼ଠାରୁ ବାହାରିଥିବା ପୂଣ୍ୟତୋୟା ଚିରସ୍ରୋତା ବୈତରଣୀ ନଦୀ ଓ ତାହାର ଶଖାନଦୀ ସହ ବ୍ରାହ୍ମଣୀ, ଖରସ୍ରୋତା ନଦୀଗୁଡ଼ିକ ଯାଜପୁର ଜିଲାରେ କୃଷି ବିକାଶ ଦିଗରେ ଆବଶ୍ୟକ ଭାବେ ସହାୟକ ହୋଇ ପାରୁନାହିଁ। ଏହି ନଦୀଗୁଡ଼ିକ ଯୋଗୁ ପାଶ୍ୱବର୍ତ୍ତୀ ଅଞ୍ଚଳର ଭୂତଳ ଜଳ ପୁନଃଭରଣ ହୋଇଥାଏ। ଏହି ନଦୀଗୁଡ଼ିକର ଜଳକୁ ଅବିଚାରିତ ଭାବେ ଖଣି ଓ ଶିଳ୍ପ ସଂସ୍ଥାଗୁଡ଼ିକ ବ୍ୟବହାର କରୁଥିବା ଏବଂ ତାହାର ଉତ୍ପତି ସ୍ଥଳଠାରୁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଖଣି, ଶିଳ୍ପ ଓ ବିଭିନ୍ନ ସହରର ବର୍ଜ୍ୟବସ୍ତୁ ଏହି ନଦୀଗୁଡ଼ିକରେ ସିଧାସଳଖ ପଡୁଥିବାରୁ ଏହି ଗୁରୁତର ସମସ୍ୟା ଦେଖା ଦେଇଛି। ତେବେ ଏସଂକ୍ରାନ୍ତରେ ଯାଜପୁର ଆରଡବ୍ଲ୍ୟୁଏସ୍ଏସ୍ର ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜା ତାଙ୍କ ଆକ୍ସନ ପ୍ଲାନରେ ଉଲ୍ଲେଖ କରିଛନ୍ତି ଯେ, ଏକାଧିକ ଶିଳ୍ପ କାରଖାନା ଚୁକ୍ତିଠାରୁ ବହୁ ଗୁଣରେ ଭୂତଳ ଜଳ ବ୍ୟବହାର କରୁଥିବା କାରଣରୁ ଭୂତଳ ଜଳସ୍ତର ହ୍ରାସ ପାଉଛି। ଏଥିପାଇଁ ବିଭାଗ ପକ୍ଷରୁ ନଳକୂପ ସହ ପିଟ(ଗାତ) ଖୋଳାଯିବା ସହ ଆବଶ୍ୟକ ପାଣି ବାହାରୁ ନ ଥିବା ନଳକୂପଗୁଡିକୁ ଚିହ୍ନଟ କରାଯାଇଛି। ନିୟମିତ ଭାବେ ପାଣି ଉତ୍ସଗୁଡିକରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି ।

### ଚଟୁମାରୀଠାରୁ ବନ୍ଧମୁଣ୍ଡା ହେବ ସଂଯୋଗୀକରଣ

**ବରୀ,୬।୧୧(ସ୍ୱ.ପ୍ର)**

ବରୀ ବ୍ଲକ ଚଟୁମାରୀଠାରୁ ବନ୍ଧମୁଣ୍ଡା ପର୍ଯ୍ୟନ୍ତ ସଂଯୋଗୀକରଣ ହେବ। ଏନେଇ ଖରସ୍ରୋତାର ଶାଖା ତନ୍ତୀଘାଇ ନଦୀ ଉପରେ ପୋଲ ନିର୍ମାଣ କରାଯାଇ ବନ୍ଧମୁଣ୍ଡା ଖରସ୍ରୋତାରେ ନିର୍ମାଣାଧୀନ ଥିବା ପୋଲ ସହିତ ସଂଯୋଗୀକରଣ ହେବ ବୋଲି ବୁଧବାର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏନେଇ ଜେନେରାଲ୍ ଆରେଞ୍ଜମେଣ୍ଟ ଡ୍ରଇଂ ରିପୋର୍ଟ ସରକାରଙ୍କ ପକ୍ଷରୁ ଆସିଥିବା ଜଣାପଡ଼ିଛି। ଏହାପରେ ବିଭାଗୀୟ କର୍ତ୍ତୃପକ୍ଷ ତତ୍ପର ହୋଇଛନ୍ତି। ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରାଯାଇଥିବା ବିଭାଗୀୟ ସୂତ୍ରରୁ ଖବର ମିଳିଛି। ଏଥି ନିମନ୍ତେ ୪୭ କୋଟି ବ୍ୟୟ ବରାଦ ହୋଇପାରେ ବୋଲି ଆକଳନ କରାଯାଇଛି। ଖୁବ୍ଶୀଘ୍ର ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ ସରକାରଙ୍କୁ ବିଭାଗ ପକ୍ଷରୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ରିପୋର୍ଟ ପ୍ରସ୍ତୁତ ପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ସାହୁ, ସହକାରୀ ଯନ୍ତ୍ରୀ ଅଲେଖ ବେହେରା, ଚଟୁମାରୀ ବନ୍ଧମୁଣ୍ଡା ଅଞ୍ଚଳ ବୁଲି କ୍ଷେତ୍ର ପରିଦର୍ଶନ କରି ଫେରିଯାଇଛନ୍ତି। ରାଜ୍ୟ ସରକାରଙ୍କ ସ୍ତରରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବରୀ ବିଧାୟିକା ସୁନନ୍ଦା ଦାସ ଅଣ୍ଟା ଭିଡ଼ିଥିବା ଜଣାପଡ଼ିଛି। ବରୀରୁ ଯାଜପୁର ସଦର ମହକୁମା ୨୫ କି.ମି. ହୋଇଥିବାବେଳେ ତେବେ ଏହି ସଂଯୋଗୀକରଣ ରାସ୍ତା ସମ୍ପୂର୍ଣ୍ଣ ହେଲେ ମାତ୍ର ୧୫ କି.ମି. ଦୂରର ରାସ୍ତା ରହିବ ବୋଲି କୁହାଯାଇଛି।

କଳିଙ୍ଗନଗର ଟାଟା ଷ୍ଟିଲରେ ଦୁର୍ଘଟଣା

## ବାମହାତ ହରାଇଲେ ଶ୍ରମିକ

**ଯାଜପୁର ଅଫିସ/ଡୁବୁରୀ (ଡି.ଏନ୍.ଏ.),୬।୧୧**

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଟାଟା ଷ୍ଟିଲ୍ରେ ମଙ୍ଗଳବାର ଅପରାହ୍ନ ୪ଟା ୪୫ ମିନିଟରେ ଏକ ଦୁର୍ଘଟଣା ଘଟିଛି। ୱାଗନରେ ଚାପି ହୋଇ ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଆହତ ଶ୍ରମିକ ହେଲେ ନଡ଼ିଆଭଙ୍ଗା ଗ୍ରାମର ଉଦୟନାଥ ମଲ୍ଲିକ(୪୦)। ତାଙ୍କୁ ଗୁରୁତର ଅବସ୍ଥାରେ ଟାଟା ମେଡିକା ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ତେବେ ଏହି ଦୁର୍ଘଟଣାରେ ତାଙ୍କ ବାମ ହାତ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ହାତଟିକୁ କଟାଯାଇଥିବା ମେଡିକାଲ ସୂତ୍ରରୁ ଜଣାପଡିଛି । ସୂଚନାଯୋଗ୍ୟ ଯେ, କର୍ଣ୍ଣ-ଅର୍ଜ୍ଜୁନ ସର୍ଭିସେସ ଠିକାସଂସ୍ଥା ଜରିଆରେ ୱାଗନ ଲଗାଇବା ଓ ପୃଥକ କରିବା କାର୍ଯ୍ୟରେ ଉଦୟନାଥ ନିୟୋଜିତ ଥିଲେ। ଘଟଣା ସମୟରେ ସେ କାରଖାନାର



ଆହତ ଶ୍ରମିକ ଉଦୟନାଥ।

ୱାଗନର ଟ୍ରିପଲର (ଆଇରନ ଅନ୍ଲୋଡିଂ) ସାଇଡରେ ରେଲୱେ ସିବିସି କପଲର (ୱାଗନ ଜଏଣ୍ଟ ସ୍ଥାନ)ରେ କାମ କରୁଥିଲେ। ଏହି ସମୟରେ ଆପେଆପେ ରେଲୱେ କପଲର କାର୍ଯ୍ୟକ୍ଷମ ହୋଇଯାଇଥିଲା। ଫଳରେ ଦୁଇ ୱାଗନ ମଧ୍ୟରେ ଉଦୟଙ୍କ ବାମ ହାତ ଚାପି ହୋଇଯାଇଥିଲା। ସିବିସି କପଲରେ କାମ ଚାଲିଥିବାବେଳେ ସମ୍ପୃକ୍ତ କମ୍ପାନୀର ଅନ୍ୟ କେହି ଜଣେ କର୍ମଚାରୀ ଦାୟିତ୍ୱହୀନତା କାରଣରୁ କପଲର ସୁଇଚ ଅନ୍ କରିଦେବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଉଦୟଙ୍କ ଗୋଟିଏ ପୁଅ ଓ ଦୁଇଟି ଝିଅ ଅଛନ୍ତି। ଏ ସଂକ୍ରାନ୍ତରେ ଟାଟା ଷ୍ଟିଲ୍ର ଚିଫ କର୍ପୋରେଟ କମ୍ୟୁନିକେଶନ କୁଲଭିନ ସୁରୀ ଏକ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ଆହତ ଉଦୟନାଥଙ୍କୁ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି କରାଯାଇ ଆବଶ୍ୟକ ଚିକିତ୍ସା ପ୍ରଦାନ କରାଯାଉଛି। ଘଟଣା ଘଟିଥିବା କ୍ଷେତ୍ରକୁ ଅନ୍ୟ ସ୍ଥାନରୁ ପୃଥକ କରାଯିବା ସହିତ ଘଟଣାର କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି। ଟାଟା ଷ୍ଟିଲ ଏହାର କର୍ମଚାରୀ ଓ ଅଂଶୀଦାରଙ୍କ ସୁରକ୍ଷା ପ୍ରତି ପ୍ରତିଶ୍ରୁତିବଦ୍ଧ ରହିଛି ଓ ଭବିଷ୍ୟତରେ ଏପରି ଘଟଣାର ଯେଭଳି ପୁନରାବୃତ୍ତି ନ ହୁଏ, ତାହା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ନିଆଯିବ ବୋଲି ସୁରୀ ସୂଚନା ଦେଇଛନ୍ତି ।

### ଭାଗବତ କଥାମୃତ ଆଲୋଚନା

**ଯାଜପୁର ଟାଉନ,୬।୧୧(ଡିଏନଏ)**

ଯାଜପୁର ଦଶାଶ୍ୱମେଧ ଘାଟ ନିକଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଗୀତା ଜାଗରଣ ପରିଷଦ ଆନୁକୁଲ୍ୟରେ ସପ୍ତ ଦିବସୀୟ ଭାଗବତ କଥାମୃତ ଆଲୋଚନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଆକାଶ ଦୀପ ପ୍ରଜ୍ୱଳନ କରାଯିବା ସହିତ ବୈତରଣୀ ନଦୀ ବନ୍ଦାପନା କରାଯାଇଥିଲା। ସ୍ୱାମୀ ତ୍ୟାଗ ସ୍ୱରୂପାନନ୍ଦ ସରସ୍ୱତୀ ସଭାକୁ ଉଦ୍ଘାଟନ କରିଥିଲେ। ପଣ୍ଡିତ ଭୂପତି ଭୂଷଣ ମିଶ୍ର ସ୍ତୋତ୍ର ପାଠ କରିଥିବାବେଳେ ଗୀତା ଜାଗରଣ ପରିଷଦ ସଭାପତି ପ୍ରତିମା କର ଅତିଥିଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ। ସମ୍ପାଦକ ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହିତ ବିବରଣୀ ପାଠ କରିଥିଲେ। ତନ୍ମୟାକା ମହାପାତ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସମ୍ମାନିତ ଅତିଥି କୂଳମଣି ନାୟକ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ଓ ନୃସିଂହ ଚରଣ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାଗବତ ପାଠ ଦ୍ୱାରା ମହାପାପରୁ ମୁକ୍ତି ମିଳିଥାଏ ବୋଲି କହିଥିଲେ। ପ୍ରବଚକ ଭୂପତି ଭୂଷଣ ମିଶ୍ର ଭାଗବତର ତତ୍ତ୍ୱ ଉପରେ ଆଲୋଚନା କରିଥିଲେ। ସଂସ୍କୃତ ବିଦ୍ୱାନ କୃଷ୍ଣଚନ୍ଦ୍ର ମିଶ୍ର 'କୃଷ୍ଣସ୍ତୁ ଭଗବାନ ସ୍ୱୟଂ' ଉପରେ ଆଲୋଚନା କରିଥିଲେ। ଗୀତା ଜ୍ଞାନ ବିକାଶ ପରୀକ୍ଷା ଓ ଗୀତା ଆବୃତି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ବିଚାରକ ଭାବେ ପଣ୍ଡିତ ବସନ୍ତ କୁମାର ପତି ଓ ରମାକାନ୍ତ ବରାଳ ଯୋଗ ଦେଇଥିଲେ। କ୍ଷୀରୋଦ ଚନ୍ଦ୍ର ପାଠୀ ପରିଚାଳନା କରିଥିଲେ।

### ଗାଁ ରାସ୍ତା ସଫାକଲେ ଯୁବଗୋଷ୍ଠୀ





**ଛତିଆ,୬।୧୧(ଡି.ଏନ୍.ଏ.)**

ଭଲ ଖବର

ଦୃଢ ଇଚ୍ଛାଶକ୍ତି ଓ ନିଜ ଭିତରେ ଏକତା ରହିଲେ ସବୁ କିଛି ସମ୍ଭବ। ଆଉ ତାହା ଆଜି ପ୍ରମାଣ କରି ଦେଖାଇଛନ୍ତି ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତ ନୟାପାଟଣା ଗ୍ରାମର ଚାନ୍ଦିନୀଚୌକ ପୂଜା କମିଟିର ଯୁବଗୋଷ୍ଠୀ। ଦୀର୍ଘଦିନ ଧରି ବିଭିନ୍ନ ଲୋକଙ୍କ ଦ୍ୱାରା ଅବରୋଧ ହୋଇପଡ଼ିଥିବା ନୟାପାଟଣା ଗ୍ରାମ୍ୟ ରାସ୍ତାକୁ ସଫା ନିମନ୍ତେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ରାସ୍ତା ସମ୍ପୂର୍ଣ୍ଣ ଅଣଓସାରିଆ ହୋଇ ଯାଇଥିଲା। ଏପରି କି ଗାଡ଼ିମୋଟର ଯିବାଆସିବାରେ ବହୁ ଅସୁବିଧା ସୃଷ୍ଟି ହେଉଥିଲା। ବୁଧବାର ସକାଳୁ ଚାନ୍ଦିନୀଚୌକ ପୂଜା କମିଟିର ସଭାପତି ଚନ୍ଦ୍ରକାନ୍ତ ଷେଣ୍ଢଙ୍କ ନେତୃତ୍ୱ ଅନେକ ଯୁବକ ଏକାଠି ହୋଇ ନିଜର ଗ୍ରାମ ରାସ୍ତାକୁ ସଫା କରିଥିଲେ। ଏପରି କି ନିଜ ଉଦ୍ୟମରେ ଜେସିବି ଓ ଟ୍ରାକ୍ଟର ଲଗାଇ ରାସ୍ତାଗୁଡ଼ିକୁ ସଫା କରି ପ୍ରଶସ୍ତ କରିଥିଲେ। ଚାନ୍ଦିନୀଚୌକ ପୂଜା କମିଟିର ସଦସ୍ୟଙ୍କ ଏଭଳି ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରଶଂସା କରିବା ସହ ଏହା ଅନ୍ୟସାହିର ଯୁବକଙ୍କ ପାଇଁ ପ୍ରେରଣା ସାଜିବ ବୋଲି ପ୍ରକାଶ କରିଛନ୍ତି।

## ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ କୋର୍ଟ ଚାଲାଣ

**କୋରାଇ,୬।୧୧(ସ୍ୱ.ପ୍ର.)**

ପାଣିକୋଇଲି ପୋଲିସ ବୁଧବାର ଯୌତୁକ ନିର୍ଯାତନା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ବୈରୀ ଥାନା ଅନ୍ତର୍ଗତ ସନ୍ତୋଷ ଜେନା (୩୧)। ପ୍ରକାଶ ଯେ, ପାଣିକୋଇଲି ଗ୍ରାମର ଭରତ ଜେନାଙ୍କ ଝିଅ ପ୍ରଜ୍ଞାପାରମିତାଙ୍କୁ ୨୦୧୯ ମଇ ୧୨ରେ ସନ୍ତୋଷ ବୈଦିକ ରିତିନୀତି ଅନୁଯାୟୀ ବିବାହ କରିଥିଲା। ମାତ୍ର ବିବାହର କିଛି ମାସ ପରେ ଅଧିକ ଯୌତୁକ ଦାବିରେ ତାଙ୍କୁ ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିବା ପ୍ରଜ୍ଞା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୨୧୧/୧୯) ରୁଜୁକରି ସନ୍ତୋଷଙ୍କୁ ଗିରଫ କରିଥିଲା।

## ୪ ସେତୁର ଶିଳାନ୍ୟାସ କଲେ ବିଧାୟକ

**ଧର୍ମଶାଳା,୬।୧୧ (ଡି.ଏନ୍.ଏ.)**

ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ବିଜୁ ସେତୁ ଯୋଜନାରେ ୯ କୋଟି ୫୮ ଲକ୍ଷ ୭୩ ହଜାର ଟଙ୍କା ବ୍ୟୟରେ ୪ ସେତୁର ଶିଳାନ୍ୟାସ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ -୨ ଜାରକା ଦ୍ୱାରା ବିଜୁ ସେତୁ ଯୋଜନାରେ ପଟୁଣିଆ ପଞ୍ଚାୟତ ଶଗଡ଼ିଆ ନଦୀର ଶଙ୍ଖ ନିକଟରେ ୪କୋଟି ୧୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସେତୁ, ଶଗଡ଼ିଆ ନଦୀର ଅଭୟପୁରଠାରେ ଶଙ୍କାରିଡ଼ିହ ତରାପୁରରୋଡ ୨କୋଟି ୪୨ ଲକ୍ଷ ୯୦ ହଜାର ଟଙ୍କାରେ ସେତୁ, କୁସ୍ତିରା ନିକଟରେ ହାଇଲେବୁଲ କେନାଲ ଉପରେ ୧ କୋଟି ୮୧ ଲକ୍ଷ ୫ ହଜାର ଟଙ୍କା, ଇମାମନଗରଠାରେ ପୋଲ ନିର୍ମାଣ ବ୍ୟୟ ଅଟକଳ ୧ କୋଟି ୧୫ ଲକ୍ଷ ୭୮ ହଜାର ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଗମନାଗମନର ସୁବିଧା ପାଇପାରିବେ ବୋଲି ବିଧାୟକ କହିଥିଲେ। ଏହି ଉତ୍ସବରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ- ଭାସ୍କର ଚନ୍ଦ୍ର ସାହୁ, ସହକାରୀଯନ୍ତ୍ରୀ- ସୌମ୍ୟରଞ୍ଜନ ଦ୍ୱିବେଦୀ, କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ନାୟକ, ଜିଲାପରିଷଦ ସଭ୍ୟ ନିରଞ୍ଜନ ରାଉତ, ପ୍ରଣତୀ ଲେଙ୍କା, ମମତା ଦଣ୍ଡପାଟ, ପ୍ରିୟନାଥ ମହାପାତ୍ର, ଉତ୍କଳ ଦାସ, ସଂଗ୍ରାମ ଜେନା, ନିରଞ୍ଜନ ବଳ, ଦୁଃଶାସନ ସାହୁ, ସନ୍ତୋଷ ଜେନା, ଗୌତମ ସାହୁ, ସତ୍ୟବ୍ରତ ଜେନାଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

## ମୂଳାପାଳ ଛକରେ ଗଳିପୋଲ ନିର୍ମାଣ ଦାବି

- ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦାବିପତ୍ର
- ପୋଲ ନିର୍ମାଣ ପାଇଁ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦିଆଯାଉନି ପ୍ରସ୍ତାବ

**ରସୁଲପୁର,୬।୧୧(ଡିଏନଏ)**

ରସୁଲପୁର ବ୍ଲକ ଅଞ୍ଚଳ ଦେଇ ଅତିକ୍ରମ କରିଥିବା ୧୬ନଂ ଜାତୀୟ ରାଜପଥର କୁଆଖିଆ ଛକଠାରୁ କଟକ ଆଡକୁ ପ୍ରାୟତଃ ୨ କି.ମି. ଦୂରରେ ମୂଳାପାଳ ଛକ ରହିଛି। ଏହି ଛକ ଉପରେ ଏକ ଗଳିପୋଲ ନିର୍ମାଣ ପାଇଁ ଦାବି ଜୋର ଧରିଛି। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ନାରାୟଣ କର, ହରପ୍ରିୟା ପଣ୍ଡା, ଲକ୍ଷ୍ମୀଧର ପତି, ଭରତ ଚନ୍ଦ୍ର ସେନାପତି, ଗଜେନ୍ଦ୍ର ସେଠୀ, ବେଣୁଧର ନାୟକ, ଅନନ୍ତ ରାଉତ, ନାରାୟଣ ପତି, ଅଲେଖ ଚନ୍ଦ୍ର ପତିଙ୍କ ସମେତ ଜନପ୍ରତିନିଧି, ବୁଦ୍ଧିଜୀବୀ, ଜନସାଧାରଣଙ୍କ ପକ୍ଷରୁ ରାଜପଥ କର୍ତ୍ତୃପକ୍ଷଙ୍କ ବିରୋଧରେ ସ୍ୱର ଉଠାଇଛନ୍ତି। ଏ ସମ୍ପର୍କରେ ଜନସାଧାରଣ ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟକୁ ଦାବିପତ୍ର ପଠାଇବା ସହିତ ଏହାର ନକଲ ଯାଜପୁର ଏମ୍ପି, ବରୀ ବିଧାୟକ, ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଛକରେ ଗଳି ପୋଲ ନିର୍ମାଣ ଦିଗରେ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁପ୍ରସ୍ତାବରହିନଥିବାଅବଗତହେବା ପରେ ଜନସାଧାରଣ ପ୍ରତିକ୍ରିୟାଶୀଳ ହୋଇଉଠୁଛନ୍ତି। ସେମାନଙ୍କ ମତରେ ରାଜପଥକୁ ସଂଯୋଗ କରୁଥିବା ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ ଆଦି ବିଭାଗ ରାସ୍ତା ସଂଯୋଗ କରୁଥିଲେ ଏଠାରେ ଗଳିପୋଲ ନିର୍ମାଣ ନିୟମ ରହିଛି। ଏହି ନିୟମ ପାଳନ କରିବାରେ ଏଠାରେ କାହିଁକି ଖିଲାପ କରାଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେମାନଙ୍କ ମତରେ ମୂଳାପାଳ ଛକରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରୁ ବନ୍ଧଡିହ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାର ଲମ୍ବ ୧୮ କି.ମି ରହିଛି। ଏହାଛଡା ଉକ୍ତ ରାସ୍ତା ଉତ୍ତର ଦିଗରେ ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଂଯୋଗ କରୁଛି। ରାସ୍ତା ପାର୍ଶ୍ୱରେ ପ୍ରଥମାଖଣ୍ଡି, ରାଜେନ୍ଦ୍ରପୁର, ଅତଲାପୁର, ସାମନ୍ତରାପୁର, ମଙ୍ଗରାଜପୁର ବ୍ରହ୍ମବରଦା ଓ ବନ୍ଧଡିହ ପଞ୍ଚାୟତର ଲୋକେ ଯାତାୟାତ କରୁଛନ୍ତି। ଉକ୍ତ ରାସ୍ତା ଉପରେ ପ୍ରାୟତଃ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକ ରାସ୍ତା ଉପରେ ନିର୍ଭର କରୁଛନ୍ତି। ଏ ସବୁ ସତ୍ତ୍ୱେ ଉକ୍ତ ରାସ୍ତା ଉପରେ ଗଳିପୋଲ ନିର୍ମାଣ କରା ନ ଯିବାକୁ ଦୁର୍ଭାଗ୍ୟଜନକ ବୋଲି ଭାଜପା ନେତା ଲକ୍ଷ୍ମୀଧର ପତି, ମୁକୁନ୍ଦଦେବ ମହାନ୍ତି, ଶଶିଭୂଷଣ ଦାଶ ପ୍ରମୁଖ ଦର୍ଶାଇଛନ୍ତି। ଏହି ରାସ୍ତା ଦେଇ ହଜାର ହଜାର ଗାଡି ମୋଟର ଗତି କରୁଛି। କୁଆଖିଆ ମେଳଣ, ଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ଓ ବାହୁଡା ଯାତ୍ରା ସମୟରେ ଯାଜପୁର ସଦର ମହକୁମାକୁ ଯାତାୟାତ କରିବା ପାଇଁ ଏହି ରାସ୍ତାକୁ ବିକଳ୍ପ ଭାବରେ ବ୍ୟବହାର କରାଯାଏ। ସେହି ସମୟରେ ସମସ୍ତ ଯାନବାହାନ ଏହି ରାସ୍ତା ଦେଇ ହରିପୁର ରାସ୍ତାରେ ବାହାରି ଯାଜପୁର ଟାଉନ, ବିଞ୍ଝାରପୁର, ଦଶରଥପୁର, ବରୀ, କାଇପଡା, କଳାମାଟିଆ, ବ୍ରହ୍ମବରଦା ଅଞ୍ଚଳକୁ ଯାତାୟାତ କରିଥାଆନ୍ତି। ଏ ସବୁ ବାଦ୍ ଚାଷୀମାନେ ଦୈନିକ ପରିବାହାଟ ବାରବାଟୀ ଓ କୁଆଖିଆ ବାଜରକୁ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ନେବା ଆଣିବା କରିବାରେ ଉକ୍ତ ରାସ୍ତା ଏକ ବଡ ମାଧ୍ୟମ। ଏଥିସହ ରାସ୍ତା କଡରେ ଥିବା ଜନବସତିରୁ କଲେଜ ପଢୁଆ ଛାତ୍ରୀଛାତ୍ରମାନେ କୁଆଖିଆ ବଜାର ହାଇଟେକ୍ କଲେଜ, ମଧୁବନ କଲେଜ, ଜାରକା କଲେଜକୁ ଯିବା ପାଇଁ ଏହି ରାସ୍ତା ଦେଇ ରାଜପଥ ଉପରକୁ ଆସୁଛନ୍ତି। ଗଳିପୋଲ ନ ଥିବାରୁ ଏଠାରେ ନାନା ସମୟରେ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ନିୟମାନୁଯାୟୀ, ଏଠାରେ ଗଳିପୋଲ ନିର୍ମାଣ ହେବାର ସମସ୍ତ ଭିତ୍ତିଭୂମି ରହିଛି। ଏହି ନିୟମ ଆଧାରରେ ରାଜପଥର ଗୋପାଳପୁର, ଦୁର୍ଗାପୁର, ବାରବାଟୀ ଆଦି ଛକରେ ଗଳି ପୋଲ ବି ନିର୍ମାଣ କରାଯାଉଛି। ହେଲେ ଏଠାରେ କାହିଁକି ପୋଲି ନିର୍ମାଣ ନିଷ୍ପତିକୁ ଅଣଦେଖା କରାଯାଇଛି ଏହାର ଜବାବ କର୍ତ୍ତୃପକ୍ଷ ଦିଅନ୍ତୁ ବୋଲି ଦାବି ହୋଇଛି। ଏଥିରେ ବ୍ୟତିକ୍ରମ ହେଲେ ସ୍ଥାନୀୟ ଜନସାଧାରଣ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଶୁଣାଇଛନ୍ତି।



ଟିକିଏ ଟିକିଏ ଭଦ୍ରାମୀ ଜୀବନକୁ ମଧୁମୟ କରିଦିଏ।
- ୱିଲିୟମ ସେକ୍ସପିୟର

## ସଂକ୍ଷେପରେ

### ରାଜନୈତିକ ଆକ୍ରୋଶରୁ ମରଣାନ୍ତକ ଆକ୍ରମଣ ୱାର୍ଡସଭ୍ୟାଙ୍କ ସ୍ୱାମୀ ଗୁରୁତର

**ବିଞ୍ଝାରପୁର,୬।୧୧(ଡି.ଏନ.ଏ):** ରାଜନୈତିକ ଆକ୍ରୋଶରୁ ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତର ୧୬ନଂ ୱାର୍ଡସଭ୍ୟାଙ୍କ ସ୍ୱାମୀ ବିନୋଦ କାଣ୍ଡିଙ୍କୁ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକ ବୁଧବାର ଅପରାହ୍ନରେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଫଳରେ ଗୁରୁତର ଅବସ୍ଥାରେ ୱାର୍ଡ ସଭ୍ୟାଙ୍କ ସ୍ୱାମୀଙ୍କୁ ପ୍ରଥମେ ବିଞ୍ଝାରପୁର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକସ୍ଥିତ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ବିଞ୍ଝାରପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୧୧/୧୯) ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, କଲ୍ୟାଣପୁର ପଞ୍ଚାୟତ ରୁଦ୍ରପୁର ୧୬ନଂ ୱାର୍ଡସଭ୍ୟା ଜେମାମଣି କାଣ୍ଡିଙ୍କ ସ୍ୱାମୀ ବିନୋଦ ବୁଧବାର ଅପରାହ୍ନରେ ଭୋଜି ଖାଇ ଫେରୁଥିବାବେଳେ ସାହାଡା ସୁନ୍ଦରୀ ରାସ୍ତାରେ ସେହି ଗ୍ରାମର ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକ ବିଶ୍ୱଜିତ ଯେନା, ବଳରାମ ରାଉତ, ଶୁଭ୍ରାଂଶୁ ସାମଲ ଓ ଅନ୍ୟମାନେ ବିନୋଦଙ୍କୁ ବିଭିନ୍ନ ମାରଣାସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ବିନୋଦଙ୍କ ହାତଗୋଡ ଭାଙ୍ଗି ଯାଇ ସେ ଗୁରୁତର ହୋଇପଡ଼ିଥିଲେ। ଏହି ଘଟଣାକୁ ନେଇ ୱାର୍ଡସଭ୍ୟା ଜେମାମଣି ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲାବେଳେ ପୋଲିସ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

### ଆନ୍ତଃ କଲେଜ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

**ଧର୍ମଶାଳା,୬।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମଠାରେ କଳ୍ପତରୁ ଦାସ ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରଥମ ଆନ୍ତଃ କଲେଜ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ତିନି ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୯ କଲେଜର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଧର୍ମଶାଳା ମହାବିଦ୍ୟାଳୟ ଚାମ୍ପିୟନ, ମୁଗୁପାଳସ୍ଥିତ ଉପେନ୍ଦ୍ର ନାଥ ସାରଦା ମହାବିଦ୍ୟାଳୟ ରନର୍ସ ଅପ, ମଧୁପୁର କଲେଜ କଲଣ ତୃତୀୟ ସ୍ଥାନ ଅଧିକାର କରିଛି। ସବ୍ୟସାଚୀ ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ବିଜୟୀ ମହାବିଦ୍ୟାଳୟକୁ ଟ୍ରଫି ପ୍ରଦାନ କରିଥିଲେ। ଧର୍ମଶାଳା ମହାବିଦ୍ୟାଳୟ ଅଧକ୍ଷ ଶୁଭ୍ରାଂଶୁ ପଟ୍ଟନାୟକ, ଡ. ପ୍ରିୟନାଥ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଆନ୍ତଃ କଲେଜସ୍ତରୀୟ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାକୁ ଅଧାପକ ଅରବିନ୍ଦ ମହାନ୍ତି, କଣ୍ଡୁରି ଚରଣ ଜେନା ଓ ଜୟପ୍ରକାଶ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

# ଲୋକାୟୁକ୍ତଙ୍କ ନୋଟିସ ପରେ ନଗଡ଼ାରେ ଜିଲା ପ୍ରଶାସନ

**କାଳିଆପାଣି/ସୁକିନ୍ଦା, ୬।୧୧(ଡି.ଏନ୍.ଏ)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ାରେ ୨୦୧୬ ଶିଶୁ ମୃତ୍ୟୁ ଘଟଣା ବେଶ୍ ଚର୍ଚ୍ଚାକୁ ଆସିଥିଲା। ଏହାପରେ ରାଜ୍ୟ ସରକାର ନଗଡ଼ାରେ ଅପପୁଷ୍ଟି ରୋକିବା ଓ ଜୁଆଙ୍ଗଙ୍କ ବିକାଶକୁ ନେଇ ବହୁ ଅର୍ଥ ବ୍ୟୟ କରିଛନ୍ତି। ଏହାର ବିକାଶ ପାଇଁ ବିଭିନ୍ନ କ୍ଷେତ୍ରରେ ୨୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି। ଇତି ମଧ୍ୟରେ ୩ ବର୍ଷ ବିତିଯାଇଥିଲେ ମଧ୍ୟ ନଗଡାର ବିକାଶ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ କିଛିଦିନ ତଳେ ରାଇଟ ଟୁ ଫୁଡ କ୍ୟାମ୍ପେନର ଅଧ୍ୟକ୍ଷ ତଥା ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ ନଗଡ଼ା ଗସ୍ତ କରି ଓଡ଼ିଶା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଲୋକାୟୁକ୍ତ ଯାଜପୁର ପ୍ରକଳ୍ପ ନିର୍ଦ୍ଦେଶକ, ସୁକିନ୍ଦା ବିଡିଓ, ଗ୍ରାମ ଉନ୍ନୟନ, ଆରଡବ୍ଲ୍ୟୁଏସ୍ଏସ୍, ଧବଳଗିରି ବିଦ୍ୟୁତ୍ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ଡିସେମ୍ବର ୯ ତାରିଖ ସଦ୍ଧା ପକ୍ଷ ରିଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ଅନୁସାରେ ବୁଧବାର ନଗଡ଼ାରେ ଯାଜପୁର ଭାରାପ୍ରାପ୍ତ ଜିଲାପାଳ ମିହିର ମହାନ୍ତି ପହଞ୍ଚି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସ୍ଥିତି ସମୀକ୍ଷକ କରିଛନ୍ତି। ତାଙ୍କ ପ୍ରକଳ୍ପନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲା ସୂଚନା ଲୋକସମ୍ପର୍କ ବିଭାଗ ଅଧିକାରୀ ସନ୍ତୋଷ କୁମାର ସେଠୀ ,ବିଡ଼ିଓ ବିଶ୍ୱଜିତ ଦାସ ଙ୍କ ସମେତ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଯାଜପୁର ଗ୍ରାମ୍ୟ ନ୍ନୟନ ବିଭାଗ ଧବଳଗିରୀ ବିଦ୍ୟୁତ୍ ବିଭାଗ ଓ ସୁକିନ୍ଦା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଯୋଗଦେଇଥିଲେ। ଭାରାପ୍ରାପ୍ତ ଜିଲାପାଳଙ୍କ ଉପସ୍ଥିତରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ କରାଯାଇଥିବାବେଳ ଆର୍‌ଡି ଏକ୍‌ଜ୍ୟୁକୁଟିଭ୍ ଇଞ୍ଜିନିୟର ବିଜୟ କୁମାର ରଣା ଓ ଏସ୍‌ଡିପିଓ ମୁଦୁଲୀ ଭେଙ୍କଟରମଣ ପୋତି ହୋଇଥିବା ରାସ୍ତାର ଡେନେଜ୍‌କୁ ସଫା କରିଥିଲେ।



ନଗଡ଼ାରେ ଭାରପ୍ରାପ୍ତ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ।

■ ନଗଡ଼ାକୁ ହେଲା ବିଦ୍ୟୁତ୍ ସଂଯୋଗ
■ ଝରଣାରେ ଆଡ଼ିବନ୍ଧକରି ଚାଷୋପଯୋଗୀ ପାଣି ଯୋଗାଣ ଦାବି

ଏହି ଅବସରରେ ଏକ ପଲ୍ଲିସଭା କରାଯାଇଥିଲା। ଏଥିରେ ମନରେଗା ଯୋଜନାରେ କାମ କରି ଗ୍ରାମବାସୀଙ୍କୁ ରୋଜଗାର କ୍ଷମ ହେବା ପାଇଁ ଭାରାପ୍ରାପ୍ତ ଜିଲାପାଳ କହିଥିଲେ। ନଗଡ଼ା ଜୁଆଙ୍ଗଙ୍କ ପାଇଁ କୃଷି ଉନ୍ନତିକରଣ କରିବାକୁ ବିଭାଗ ପକ୍ଷରୁ କେବଳ ଅମୃତ ଭଣ୍ଡା ଯୋଗାଣ କରାଯାଇଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଶିକ୍ଷାର ବିକାଶ ପାଇଁ ନଗଡ଼ାରେ ଏକ ଉଚମାଧମିକ ବିଦ୍ୟାଳୟର ନିଜସ୍ୱ ଗୃହ ରହିଛି। ହେଲେ ଅଙ୍ଗନୱାଡି ଗୃହ ଅଦ୍ୟାବଧି ହୋଇନାହିଁ। ଏହି ଗୃହ ନିର୍ମାଣ ପାଇଁ ଜିଲାଖଣିଜ ପାଣ୍ଠିରୁ ଅନୁଦାନ ମଞ୍ଜୁର ହୋଇଛି। କିନ୍ତୁ ଅଙ୍ଗନୱାଡି କେନ୍ଦ୍ରରେ ଜଳଖିଆ ଓ ଖାଦ୍ୟ ଯୋଗାଇ ଦିଆଯାଉ ନ ଥିବା ଅଭିଯୋଗ ପରେ ସିଡିପିଓ ସଞ୍ଜୁକ୍ତା କାନୁନଗୋଙ୍କୁ ତାଗିଦ କରିବା ଦେଖିବାକୁ ମିଳିଥିଲା। ସ୍କିଲ ଡେଭଲପମେଣ୍ଟ ମଧ୍ୟମରେ ଦିଆଯାଇଥିବା ଛତୁଚାଷ, ମହୁଚାଷ,ବାଉଁଶ କାରିଗରି, ଧୂପ,ଖଲିଚଉପତି ପ୍ରଭୃତ ପ୍ରଶିକ୍ଷଣ ପାଇଥିବା ମହିଳା ଓ ପୁରୁଷଙ୍କୁ ଅଦ୍ୟାବଧି କୌଣସି ସମାଗ୍ରୀ ପ୍ରଦାନ କରାଯାଇ ନାହିଁ। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଡିଡବ୍ଲ୍ୟୁଓ ଚେତନା ସେଠୀ ଓ ସୁକିନ୍ଦା ବ୍ଲକ ଡିବ୍ଲ୍ୟୁଇଓ ସନ୍ତୋଷ କୁମାର ପତିଙ୍କୁ କହିଥିଲେ। ସେହିପରି ଜଳପରିମଳ ବିଭାଗ ଦ୍ୱାରା ଖର୍ଚ୍ଚ ହୋଇଥିବା ଅର୍ଥରେ ପାଇଖାନା ଓ ପାନୀୟ ଜଳ ବ୍ୟବସ୍ଥାକୁ ନିମ୍ନମାନର ହୋଇଥିବା ଜାଣିବାକୁ ପାଇଥିଲେ। ଜୁଆଙ୍ଗ ଜନଜାତିଙ୍କ ଜୀବନ ଜୀବିକା ପରିବର୍ତ୍ତନ ପାଇଁ ନିୟୋଜିତ ଟ୍ରିକିଲ ଓ ୱଷ୍କା ଭଳି ଦୁଇ ଏନଜିଓ ସଂସ୍ଥା ବିଫଳ ହୋଇଥିବାରୁ ଜଳପରିମଳ ବିଭାଗ ଯନ୍ତ୍ରୀ ଚିତ୍ତରଞ୍ଜନ ସାହୁ ଓ କନିଷ୍ଟ ଯନ୍ତ୍ରୀ ବିଷ୍ଣୁମୋହନ ଶତପଥୀ ଦୁଇ ଏନଜିଓ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ପଲ୍ଲିସଭାରେ ତଳ ନଗଡ଼ାରେ ବୋହିଯାଇଥିବା ଏକ ଝରଣାରେ ଆଡ଼ିବନ୍ଧ କରି କୃଷି ପାଇଁ ଆବଶ୍ୟକ ଜଳ ଯେଗାଣ ପାଇଁ ଜୁଆଙ୍ଗମାନେ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ।

### ବାଇକ୍ ମୁହାଁମୁହିଁ ଧକ୍କା: ୨ ଚାଳକ ମୃତ

**କୋରେଇ,୬।୧୧(ସ୍ୱ.ପ୍ର.)**

କୋରେଇ ଥାନା ଅନ୍ତର୍ଗତ ୨୦ନମ୍ବର ଜାତୀୟ ରାଜପଥର ପାଟୁଳୀ ଛକ ନିକଟରେ ବୁଧବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁହୋଇଥିବାବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ମୃତ ବାଇକ୍ ଚାଳକ ଦ୍ୱୟ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ଗ୍ରାମର ଦୁଃଶାସନ ମଲ୍ଲିକଙ୍କ ପୁଅ ବିକାଶ(୨୮) ଓ ଅନ୍ୟ ଜଣଙ୍କ ଯାଜପୁର ଟାଉନସ୍ଥିତ ଚଇନପୁର ଗ୍ରାମର ହାପି ଦାସ(୩୬)। ଗୁରୁତର ଦ୍ୱୟ କେନ୍ଦୁଝର ଜିଲା ହରିଚନ୍ଦନପୁର ଅଞ୍ଚଳର ଦଶମତୀ ଚତରା(୩୨) ଓ ଲକ୍ଷ୍ମୀ ମୁଣ୍ଡା(୧୯) ବୋଲି ଜଣାପଡିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ଗାଡି ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କଳିଙ୍ଗନଗରସ୍ଥିତ ଜିନ୍ଦଲ କାରଖାନାରେ ସୁପରଭାଇଜର ଭାବେ କାମ କରୁଥିବା ବିକାଶ ସକାଳେ ବାଇକ୍‌ଯୋଗେ କାରଖାନାକୁ ଯାଉଥିବାବେଳେ ବିପରୀତ ପଟୁ ଯାଜପୁର ଟାଉନ ଅଭିମୁଖେ ଯାଉଥିବା ହାପିଙ୍କ ଗାଡ଼ି ସହିତ ପାଟୁଳ ଛକ ନିକଟରେ ମୁହାଁମୁହିଁ ଦୁର୍ଘଟଣା ଘଟିଥିଲା।

## ଅଧାପନ୍ତରିଆ ପ୍ରକଳ୍ପକୁ ନେଇ କ୍ଷୁବ୍ଧ

### ମୋ ସ୍କୁଲ ଅଧକ୍ଷା ସୁସ୍ମିତା ବାଗ୍‌ଚୀଙ୍କ ଯାଜପୁର ଗସ୍ତ

**ଯାଜପୁର ଟାଉନ,୬।୧୧(ଡିଏନଏ)**

ମୋ ସ୍କୁଲ ଅଭିଯାନର ରାଷ୍ଟ୍ରୀୟ ଅଧକ୍ଷା ସସ୍ମିତା ବାଗ୍‌ଚୀ ଏକ ଦିନିକିଆ ଯାଜପୁର ଗସ୍ତରେ ଆସି ବୁଧବାର ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଯାଜପୁର ଜିଲାର ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଉପରେ ସମୀକ୍ଷା କରିଥିଲେ। ଯାଜପୁର ଜିଲା ରାମବାଗ ହାଇସ୍କୁଲ ଏବଂ ଜିଲା ସ୍କୁଲ ପରିଦର୍ଶନ କରି ଶିକ୍ଷୟିତ୍ରୀଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ। ବିଦ୍ୟାଳୟରେ ରହିଥିବା ବିଭିନ୍ନ ଅଭାବ ଅସୁବିଧା ଓ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ମଧ ବିଭିନ୍ନ ମତାମତ ନେଇଥିଲେ। ଉଚ୍ଚ ବିଦ୍ୟାଳୟରେ ସ୍ଥାନୀୟ ଜନସାଧାରଣଙ୍କୁ ଆକୃଷ୍ଟ କରିବା ନିମନ୍ତେ ଓ ସହଯୋଗର ହାତ ବଢାଇବାକୁ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଉଦ୍ୟମ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପରେ ଜିଲାପାଳ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ୨୦୧୯ ମାର୍ଚ୍ଚ ସୁଦ୍ଧା ଯାଜପୁରରେ ୨୪୮୯ଟି ସ୍କୁଲ ମଧ୍ୟରୁ ୪୫୩ଟି ହାଇସ୍କୁଲ ରହିଛି। ସେଥିରୁ ୫୫ଟି ସ୍କୁଲ 'ମୋ ସ୍କୁଲ' ଅଭିଯାନରେ ସାମିଲ ହୋଇଥିବାବେଳେ ୨୦୨୫ଟି ସ୍କୁଲ ସାମିଲ ହୋଇପାରି ନାହିଁ। ତେଣୁ ଏହି ସ୍କୁଲଗୁଡ଼ିକର ପ୍ରଧାନ ଶିକ୍ଷକ ମୋ ସ୍କୁଲ ଅଭିଯାନରେ ଯଥାଶୀଘ୍ର ସାମିଲ ହୋଇ ଆର୍ଥିକ ସହାୟତା ଆହରଣ ନିମନ୍ତେ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ଆକଳନ ଅନୁଯାୟୀ ଯାଜପୁରରେ ୫୦ ପ୍ରତିଶତ ସ୍କୁଲରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାକୁ ଅଛି ଓ ୩୩ ପ୍ରତିଶତ ସ୍କୁଲରେ କାର୍ଯ୍ୟ ଚାଲୁ ରହିଛି। ମାତ୍ର ୧୭ ପ୍ରତିଶତ ସ୍କୁଲରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏଥିନେଇ ଅଧକ୍ଷା କ୍ଷୋଭ ପ୍ରକାଶ କରିଥିଲେ ଏବଂ ବାକି ରହିଥିବା ପ୍ରକଳ୍ପଗୁଡିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ୧୦ଟି ବ୍ଲକର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯଥାଶୀଘ୍ର ପ୍ରତ୍ୟେକ ପ୍ରଧାନ ଶିକ୍ଷକ ନିଜର ଆଇଡି ଓ ପାଶ୍‌ୱାର୍ଡ ବ୍ଲକ ଶିକ୍ଷାଧିକାରୀଙ୍କୁ ଦେବାପାଇଁ ଓ ପ୍ରକଳ୍ପ କାର୍ଯ୍ୟରେ ଅର୍ଥ ଦେଣନେଣ ଚେକ୍ ମାଧ୍ୟମରେ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଜିଲା ପ୍ରକଳ୍ପ ସଂଯୋଜକ ବିଷ୍ଣୁ ଚରଣ ସୁତାରଙ୍କ ସମେତ ସମସ୍ତ ବ୍ଲକ୍‌ର ଶିକ୍ଷାଧିକାରୀ, ପ୍ରଧାନ ଶିକ୍ଷୟିତ୍ରୀ/ଶିକ୍ଷକ, ଚିଫ୍ ଅପରେଟିଂ ଅଫିସର ଅମରଜିତ୍ ଜେନା, ଶାନ୍ତା ଦାସ, ପାର୍ଥବୀର ସାମଲ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପ୍ରକଳ୍ପ ଅଧିକାରୀ ପ୍ରଶାନ୍ତ ରଥ ଧନ୍ୟବାଦ ଦେଇଥିଲେ।



ଯାଜପୁର ଗସ୍ତରେ ଆସିଥିବା ମୋ ସ୍କୁଲ ଅଧକ୍ଷା ସୁସ୍ମିତା ବାଗ୍‌ଚୀ ଓ ଅନ୍ୟମାନେ।

## ବିଜୟ ମହାନ୍ତିଙ୍କ ଏକାଦଶାହରେ ସ୍ମୃତିସଭା




ସ୍ମୃତିସଭାରେ ଉପସ୍ଥିତ ଅତିଥିବୃନ୍ଦ।

**ଯାଜପୁର ଟାଉନ,୬।୧୧(ଡି.ଏନ୍.ଏ.)**

ଯାଜପୁର ପୌରପାଳିକାର ପୂର୍ବତନ ଉପନଗରପାଳ ତଥା ଯାଜପୁର ଟ୍ୟାକ୍ସି ଏବଂ ମିନିବସ୍ ଆସୋସିଏଶନର ସମ୍ପାଦକ ବିଜୟ କୁମାର ମହାନ୍ତିଙ୍କ ଏକାଦଶାହ ଉପଲକ୍ଷେ ମଙ୍ଗଳବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଯାଜପୁରସହର ଗଣେଷ ମଣ୍ଡପଠାରେ ସ୍ମୃତି କମିଟିର ଆବାହକ କର୍ଣ୍ଣାଟକେଶରୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଗୁଣଗାନ କରିବା ସହ ଅକାଳରେ ଝଡ଼ିପଡିଥିବା ବ୍ୟକ୍ତି ପାଇଁ ଯାଜପୁର ଝୁରିବ ବୋଲି କହିଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ଯୋଗଦେଇ ବିଜୟଙ୍କ ଭଳି ଏକ ଟାଣୁଆ ବ୍ୟକ୍ତିତ୍ୱ ଯାଜପୁରରେ ଜନ୍ମ ନେବ ଏହା ଏକ ସ୍ୱପ୍ନ ଭଳି ଲାଗୁଛି ବୋଲି କହିଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି, କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ଯାଜପୁର ଜଣେ ଯୋଗ୍ୟ ବ୍ୟକ୍ତିତ୍ୱଙ୍କୁ ହରାଇଲା ବୋଲି କହିବା ସହ ବିଜୟଙ୍କ ଭଳି ଏକ ସ୍ମିତ ହସ ବ୍ୟକ୍ତି ଯାଜପୁରରେ ଦେଖିବାକୁ ମିଳିବ ନାହିଁ ବୋଲି କହିଥିଲେ। ଏହି ସ୍ମୃତିସଭାରେ ରାଜ୍ୟ ବସ୍ ମାଲିକ ସଂଘର ମୁଖପାତ୍ର ଦେବାଶିଷ ନାୟକ, ଭଦ୍ରକ ବସ୍ ମାଲିକ ସଂଘର ସମ୍ପାଦକ ଶ୍ରୀନିବାସ ପତି, କଟକ ଘରୋଇ ବସ୍ ମାଲିକ ସଂଘର ଯୁଗ୍ମସମ୍ପାଦକ ପ୍ରିୟବ୍ରତ ତ୍ରିପାଠୀ, ବାଲେଶ୍ୱର ବସ୍‌ମାଲିକ ସଂଘ ଉପସଭାପତି ମାନସ ରଞ୍ଜନ ପାତ୍ର, କେନ୍ଦୁଝର ବସ୍‌ମାଲିକ ସଂଘର କେନ୍ଦ୍ରୀୟ ସମ୍ପାଦକ ସୁଶାନ୍ତ ପଣ୍ଡା, କେନ୍ଦୁଝର ବସ୍ ମାଲିକ ସଂଘର ସମ୍ପାଦକ ମନୋରାଞ୍ଜନ ସାହୁ, ଭୁବନେଶ୍ୱର ବସ୍‌ମାଲିକ ସଂଘର ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ଆଚାର୍ଯ୍ୟ, ଚଣ୍ଡିଖୋଲ ବସ୍ ଆସୋସିଏଶନର ଦିଲ୍ଲୀପ ଚୌଧୁରୀ, ଆସ୍‌କା ବସ୍‌ମାଲିକ ସଂଘର ସୂର୍ଯ୍ୟମଣୀ ପରିଡ଼ା, ଆନନ୍ଦପୁର ବସ୍‌ମାଲିକ ସଂଘର ନିର୍ମଳ ଚନ୍ଦ୍ର ମିଶ୍ର, ପୂର୍ବତନ ପୌରାଧକ୍ଷା ତୁଷାରକାନ୍ତି ନାୟକ, ଦଶରଥପୁର ବ୍ଲକ୍ ଅଧକ୍ଷା ସୁଜାତା ସାହୁ ପ୍ରମୁଖ ସ୍ମୃତିସଭାରେ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଅବସରରେ "ସ୍ମୃତି ନୁହେଁ ସେତ ଅଭୁଲା ଅତୀତ" ନାମକ ଏକ ସ୍ମରଣିକା ଉନ୍ମୋଚିତ କରାଯାଇଥିଲା।

## ପ୍ରଦୂଷଣମୁକ୍ତ ଭସାଣିର ମଜା ନେଲେ ସହରବାସୀ

**ଯାଜପୁର ରୋଡ୍, ୬।୧୧(ନି.ପ୍ର.):** ଯାଜପୁର ରୋଡ଼ର ଗଣପର୍ବ କାଳୀ ପୂଜାର ବୁଧବାର ଭସାଣି ଉତ୍ସବ ଆରମ୍ଭ ହୋଇଛି। ଭସାଣି ଉତ୍ସବରେ ଆଦିବାସୀ ନୃତ୍ୟ ବାଡ଼ି ଖେଳ, ସିଂହ ବାଜା, ମେଲୋଡ଼ି, ଡ଼ିଜେ, ଘୋଡ଼ା ନାଚ, ସଂକିର୍ତ୍ତନ ,ଗୋପାଳ ଓଗାଳ ପ୍ରଭୃତି ପ୍ରଦର୍ଶନ କରାଯାଇଛି। ବଙ୍ଗୀୟ କଳାକାରଙ୍କ ନୃତ୍ୟ ବେଶ୍ ଉଚ୍ଚକୋଟୀର ହୋଇଥିଲା। ଏହି ଅବସରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ତେବେ ଚଳିତ ବର୍ଷ ପ୍ରଦୂଷର ମୁକ୍ତ ଭସାଣି କରିବା ନେଇ ଗୁରୁତ୍ୱ ଦିଆଯାଇଛି। ଭସାଣି ଉତ୍ସବ ସମୟରେ ଆତସବାଜିର ବ୍ୟବହାର କରାଯଶଇ ନ ଥିବା ଦେଖିବାକୁ ମିଳିଛି । କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, କଳଙ୍ଗନଗର ଅତରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା, ଯାଜପୁର ଏସ୍‌ଡ଼ିପିଓ କେଦାରନାଥ ସାହୁ , ଥାନା ଅଧିକାରୀ ଅନିଲ କୁମାର ମହାନ୍ତି, କୋରାଇ ଥାନା ଅଧିକାରୀ ରଞ୍ଜୀବ ମହାନ୍ତି ଓ ବିଭିନ୍ନ ପଦସ୍ଥ ପୋଲିସ ଅଧିକାରୀ ଶୋଭାଯାତ୍ରାରେ ସାମିଲ ହେଶଇଥିଲେ। ଶାନ୍ତି କମିଟିର ଆବାହକ ବିଦ୍ୟାଧର ମହାନ୍ତି, ପ୍ରଫୁଲ୍ଲ ବୋଇତେଇ, ବିବେକାନନ୍ଦ ମହାନ୍ତିଙ୍କ ସହ ୧୩ଟି ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଷ୍ଟିଲ ସିଟି, ପକ୍ଷରୁ ଶୋଭାଯାତ୍ରା ଅତି ଚମତ୍କାର ହୋଇଥିବାବେଳେ କୋପଣ୍ଡ ଷ୍ଟେଶନ, ଶୋଭାଯାତ୍ରା, ଚୋରଦା ଆର୍ଯ୍ୟନ କ୍ଲବ, ରାଧାନାଥ ମାର୍ଗ ଓ ଗୋପବନ୍ଧୁ ମାର୍ଗ ଶୋଭାଯାତ୍ରାକୁ ଅତି ସରଶସୁନ୍ଦର କରିଥିଲେ। ମେଲଣପଡିଆରେ ରାତି ସୁଦ୍ଧା ୧୦ଟି ମେଢ ପହଞ୍ଚି ଥିବା ଜଣାପଡିଛି। ମେଲଣ ପଡ଼ିଆରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଛି। ପୋଲିସ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ କରାଯାଇଛି।









ଯାଜପୁର ରୋଡ କାଳୀପୂଜା ଭସାଣିରେ ସାମିଲ ହୋଇଥିବା ବିଭିନ୍ନ ପୂଜା ମଣ୍ଡପର ମେଢ଼।



ପଶ୍ଚିମବଙ୍ଗରୁ ଆସିଥିବା କଳାକାରଙ୍କ ନୃତ୍ୟ ପରିବେଷଣ।



ପାରମ୍ପରିକ ନୃତ୍ୟ ବାଦ୍ୟ ପରିବେଷଣ।



ପୋଲିସ ପ୍ରଶାସନ ଓ ଶାନ୍ତି କମିଟି ପକ୍ଷରୁ ପୂଜା ମଣ୍ଡପ ସଦସ୍ୟଙ୍କୁ ମିଷ୍ଟାନ୍ନ ବଣ୍ଟନ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୭ ନଭେମ୍ବର,୨୦୧୯



## ସଂକ୍ଷେପରେ

### ଏମ୍‌ପିଙ୍କ ଦୁର୍ବ୍ୟବହାର ପାଇଁ ଥାନାରେ ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୬।୧୧:** କେନ୍ଦ୍ରାପଡା ଏମପି ଅନୁଭବ ମହାନ୍ତି ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ବୁଧବାର ଟାଉନ ଥାନାରେ ଅଭିଯୋଗ ହୋଇଛି । ଖବରଦାତା ମନୋଜ ସ୍ୱାଇଁ ଏ ନେଇ ଥାନାରେ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ଏହାଛଡା କେନ୍ଦ୍ରାପଡା ଜିଲା ସାମ୍ବାଦିକ ସଂଘ ଓ ସିଭିଲ ସୋସାଇଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ମନୋଜଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଏମପି ମହାନ୍ତି ଜିଲାପାଳଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେଉଥିବା ଭିଡିଓ କନଫରେନ୍ସରେ ଭାଗ ନେଇଥିଲେ। ଏନେଇ ଖବର ସଂଗ୍ରହ କରିବାକୁ ଯାଇଥିବା ସ୍ୱାଇଁ ଏମପି ମହାନ୍ତିଙ୍କ ପ୍ରତିକ୍ରିୟା ଲୋଡିଥିଲେ । ତେବେ ଏମପି ମହାନ୍ତି ପ୍ରତିକ୍ରିୟା ଦେବା ବଦଳରେ ଖବରଦାତା ସ୍ୱାଇଁଙ୍କୁ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିଥିଲେ । ଏଥିସହିତ ତାଙ୍କ ସମର୍ଥକମାନେ ଖବର ପରିବେଷଣ ନ କରିବା ପାଇଁ ଧମକ ଦେଇଥିଲେ । ଅପରପକ୍ଷରେ ଏହି ଘଟଣାକୁ ବିରୋଧ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ଓ ସିଭିଲ ସୋସାଇଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ଜିଲାର ୩୦ରୁ ଉର୍ଦ୍ଧ୍ୱ ଖବରଦାତା ଓ ସିଭିଲ ସୋସାଇଟିର ୧୫ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଏହି ବିକ୍ଷୋଭରେ ସାମିଲ ହୋଇଥିଲେ ।

### କେନ୍ଦ୍ରାପଡ଼ା ବିକାଶ ପାଇଁ କାମ କରିବ ଏକତା ମଞ୍ଚ

**କେନ୍ଦ୍ରାପଡା ଅଫିସ, ୬।୧୧:** କେନ୍ଦ୍ରାପଡା ଜିଲାର ବିକାଶ ପାଇଁ ୨୦ରୁ ଉର୍ଦ୍ଧ୍ୱ ସଂଗଠନକୁ ନେଇ କେନ୍ଦ୍ରାପଡା ଏକତା ମଞ୍ଚ ଗଠନ କରାଯାଇଛି । ଏନେଇ ସହରର ଗୋକୁଳ ଶ୍ରୀଚନ୍ଦନ ସଙ୍ଗୀତ ସଦନ ପରିସରରେ ଇତିମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏହାର କର୍ମକର୍ତ୍ତା ଚୟନ କରାଯାଇଛି। ଜିଲା ସଂଯୋଜକ ଭାବେ ରାଧାକାନ୍ତ ମହାନ୍ତିଙ୍କୁ ଚୟନ କରାଯାଇଛି । ସେହିପରି ସହ ସଂଯୋଜକ ଭାବେ ଶିବାଶିଷ ମହାନ୍ତି, ନଳିନୀକାନ୍ତ ମହାନ୍ତି, ରଞ୍ଜନ ମହାନ୍ତି, ଶୋଭନ ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଛି । ବିଭିନ୍ନ ବ୍ଲକରେ ସଂଯୋଜକ ଓ ସହସଂଯୋକ ଭାବେ ମନୋଜ କୁମାର ନାୟକ, ଚନ୍ଦନ କୁମାର ସାହୁ, ଦମନ କୁମାର ମହାନ୍ତି, ପ୍ରଶାନ୍ତ କୁମାର ନାୟକ, ପ୍ରଭାତ ରଞ୍ଜନ ଜେନା, ନିର୍ମଳ ଚନ୍ଦ୍ର ଭଦ୍ର, ସତ୍ୟଜିତ ଲେଙ୍କା, ପ୍ଲାବନ କୁମାର ସ୍ୱାଇଁ, ରଞ୍ଜନ ଦାସ, ନୟନମଣି ସାମଲ, ସୁବାସ ସାମଲ, ଚନ୍ଦ୍ରଶେଖର ବିଶ୍ୱାଳ, ପ୍ରତାପ ଚନ୍ଦ୍ର ପାଢ଼ୀ, ସୁଶାନ୍ତ ନାୟକ, ଜଗନ୍ନାଥ ସାମଲ, ଦୋଳଗୋବିନ୍ଦ ଜେନା, ତୁଷାର ରଞ୍ଜନ ସାହୁ, ଅଜୟ କୁମାର ସୁତାରଙ୍କୁ ମଞ୍ଚରେ ସାମିଲ କରାଯାଇଛି ।

### ସାମାଜିକ କର୍ମୀଙ୍କ ପରଲୋକ

ମାର୍ଶାଘାଇ,୬।୧୧(ଡି.ଏନ୍.ଏ.) ଶିଳିପୁର ପଞ୍ଚାୟତ ଡଁଅରମୁଣ୍ଡ ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ଜତିନ୍ ଦାସ(୯୬)ଙ୍କ ସୋମବାର ସକାଳେ ତାଙ୍କ ବାସଭବନରେ ପରଲୋକ ଘଟିଛି । ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ ଯୁଗଳ କିଶୋର ଦାସ,ମାର୍ଶାଘାଇ ଅଧକ୍ଷା ସୀତାଲତା ପରିଡ଼ା ,ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଗାହାଣ ,ସାମାଜିକ କର୍ମୀ ହୀରକ ପରିଡା ପ୍ରମୁଖ ଶେଷ ଦର୍ଶନ କରିଥିଲେ ।

## ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ଅଭାବ

# ପାଠପଢ଼ା ଛାଡ଼ି କଙ୍କଡ଼ା ଧରୁଛନ୍ତି ପିଲା

**ମହାକାଳପଡ଼ା, ୬।୧୧(ଡି.ଏନ.ଏ.)**



ଗାତରୁ ପିଲାମାନେ କଙ୍କଡା ଧରୁଛନ୍ତି ।

ଅନୁସୂଚିତ ଜାତି ଓ ଜନଜାତି ପିଲାମାନଙ୍କ ପାଠପଢ଼ା ସହ ରହିବା ଓ ଖାଇବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଚଳନ କରୁଛନ୍ତି। ପାଠପଢ଼ା ସରିଲେ ସରକାରୀ ଚାକିରି କ୍ଷେତ୍ରରେ ମଧ୍ୟ ସେମାନଙ୍କୁ ଅଗ୍ରାଧିକାର ଦିଆଯାଉଛି। ଏହାସତ୍ତ୍ୱେ ଅନୁସୂଚିତ ଜାତି ଓ ଜନଜାତିର ଅନେକ ପିଲା ପାଠ ଛାଡ଼ି ମଜୁରି ଲାଗିବା ଓ ନଦୀ, ପୋଖରୀରୁ ମାଛ ଧରିବା ଆଦି କାମ କରୁଛନ୍ତି। ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଏପରି ଘଟଣା ନଜରକୁ ଆସିଛି।

ବ୍ଲକ ଅଧୀନ ପେଟ୍‌ଛେଲା ପଞ୍ଚାୟତର ଆଦିବାସୀପଡ଼ା ଶବରପଡ଼ାର ପିଲାମାନଙ୍କ ପାଇଁ ତିଖିରୀଠାରେ ସରକାରୀ ଆବାସିକ ବିଦ୍ୟାଳୟ ରହିଛି। ଏହି ସ୍କୁଲରେ ପିଲାଙ୍କ ଖାଇବା, ଡ୍ରେସ୍ ଓ ପାଠପଢ଼ାର ସମସ୍ତ ଖର୍ଚ୍ଚ ସରକାର ବହନ କରୁଛନ୍ତି। ହେଲେ ରାମଚଣ୍ଡୀ ଗଳିଆ ନଦୀ ପାର୍ଶ୍ୱସ୍ଥ ଚାଷଜମିରେ ଥିବା କଙ୍କଡ଼ା ଗାତରୁ କଙ୍କଡ଼ା ଧରୁଥିବା ଆବାସିକ ଦୁଇ ଛାତ୍ରଙ୍କୁ ସ୍କୁଲ ନ ଯିବା ସମ୍ପର୍କରେ ପଚାରିବାରେ ସ୍କୁଲରେ ରହିବାର ସୁବିଧାନାହିଁ। ସେଥିପାଇଁ ସେମାନେ ସ୍କୁଲ ଯାଉ ନ ଥିବା କହିଛନ୍ତି। ଛାତ୍ର ଦ୍ୱୟଙ୍କ ଘର ବ୍ଲକର ପେଟ୍‌ଛେଲା ପଞ୍ଚାୟତ ଅଧୀନ ଆଦିବାସୀ ଶବରପଡା ଗ୍ରାମରେ। ଉଭୟ ନିକଟସ୍ଥ ଆବାସିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର। ସ୍କୁଲରେ ରହିବାରେ କ'ଣ ଅସୁବିଧା ରହିଛି ପଚାରିବାରେ ତିଖିରି ଆବାସିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସ୍ୱାଇଁ କହିଛନ୍ତି, ପିଲାଦ୍ୱୟ ଦୀପାବଳି ଛୁଟିରେ ଘରକୁ ଯାଇଥିଲେ। ସ୍କୁଲ ଖୋଲିବା ପରେ ସେମାନଙ୍କୁ ଆଣିବା ପାଇଁ ଏକ ଭଡ଼ା ଗାଡ଼ି ପଠାଯାଇଥିଲା, କିନ୍ତୁ ସେମାନେ ଆସି ନ ଥିଲେ। ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ପିଲାମାନେ ପାଠ ପଢ଼ିବା ବୟସରେ ବିଲରୁ କଙ୍କଡ଼ା ଧରୁଛନ୍ତି। ଏହାଦ୍ୱାରା ସେମାନଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଉଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ପାଇଁ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମାଙ୍କ ମତାମତ ନେବାରେ, ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀଙ୍କ ସହିତ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## କଲଭର୍ଟ ଭାଙ୍ଗି ପାଣିକୁ ଖସିଲା ଟ୍ରଲି

**ରାଜନଗର, ୬।୧୧ (ଡି.ଏନ.ଏ.)**



ରାଜନଗର ବ୍ଲକ ତାଳଚୁଆ ବୀରଭଞ୍ଜପୁର ରାସ୍ତାର ବୀରଭଞ୍ଜପୁର ନିକଟରେ ଥିବା କଲଭର୍ଟଟି ବୁଧବାର ଭୁଶୁଡି ପଡିଛି। ଫଳରେ ସେହି ସମୟରେ ଏହି କଲଭର୍ଟ ଉପର ଦେଇ ଯାଉଥିବା ଏକ ଇଟା ବୋଝେଇ ଭୁଟୁଭୁଟି ଟ୍ରଲି ପାଣି ମଧ୍ୟକୁ ଖସିପଡିଛି। ଟ୍ରଲିର ଡ୍ରାଇଭର ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି।

ମିଳିଥିବା ସୂଚନା ମୁତାବକ, ତାଳଚୁଆ ପଞ୍ଚାୟତର ବୀରଭଞ୍ଜପୁର ଗାଁ ନିକଟରେ ମୁଖ୍ୟରାସ୍ତାରେ ଏହି କଲଭର୍ଟ ରହିଛି। କଲଭର୍ଟର ଅଧା ଅଂଶ ବର୍ଷକ ତଳୁ ଖସି ପଡିଥିଲା। ବୀରଭଞ୍ଜପୁର, ଜ୍ୟୋତିପ୍ରସାଦ, ରାଜପାଟଣା, ଭଞ୍ଜପ୍ରସାଦ ଗ୍ରାମବାସୀଙ୍କ ପାଇଁ ଏହା ଏକମାତ୍ର ରାସ୍ତା। ଏହାକୁ ମରାମତି ପାଇଁ ଅଞ୍ଚଳବାସୀ ଜିଲାପାଳଙ୍କ ଜନଶୁଣାଣି ଶିବିର ସମେତ ରାଜନଗର ବିଡିଓଙ୍କୁ ଭେଟି ଅଭିଯୋଗ କରିଥିଲେ। ୨ମାସ ତଳେ ତାଳଚୁଆ ପଞ୍ଚାୟତ ତରଫରୁ ପଟ୍ଟା ପକାଇ କଲର୍ଭଟ ମରାମତି କରାଯାଇଥିଲା। ୪ଟି ଗାଁର ଲୋକେ ଗାଁକୁ ଗାଡି ଆସି ନ ପାରିବା କାରଣରୁ ପ୍ରଧାନମନ୍ତ୍ରୀ ଆବାସ ଘର ନିର୍ମାଣ କରି ପାରୁନାହାନ୍ତି। ବୁଧବାର ଏକ ଭୁଟୁଭୁଟି ଟ୍ରଲି ଇଟା ବୋଝେଇ କରି ବୀରଭଞ୍ଜପୁର ଗାଁକୁ ଯାଉଥିଲା। ପୂର୍ବରୁ କଲର୍ଭଟର ଅଧେ ଖସି ପଡିଥିବା ବେଳେ ଆଜି ଟ୍ରଲି ସହ ଅବଶିଷ୍ଟ କଂକ୍ରିଟ ପାଣି ଭିତରକୁ ଖସିପଡିଛି। ଟ୍ରଲି ସହ ଇଟାସବୁ ପାଣିରେ ରହିଛି। କଲର୍ଭଟ ଖସି ପଡିବା ପରେ ୪ଟି ଗ୍ରାମବାସୀଙ୍କ ଗମନାଗମନ ବନ୍ଦ ହୋଇଯାଇଛି। ତୁରନ୍ତ ଏହା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଅପେକ୍ଷାରେ ରାମଚଣ୍ଡୀ

**କେନ୍ଦ୍ରାପଡା ଅଫିସ, ୬।୧୧**

କେନ୍ଦ୍ରାପଡା ଜିଲାର ଅନ୍ୟତମ ଶକ୍ତିପୀଠ ମହାକାଳପଡା ବ୍ଲକ ରାମନଗରସ୍ଥ ରାମଚଣ୍ଡୀ ମନ୍ଦିର । ଏହି ପୀଠ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପାଇବାକୁ ଅପେକ୍ଷା କରିଛି । ଗତ ୨୦୧୭ରୁ ଏ ସମ୍ପର୍କରେ ସମସ୍ତ ତଥ୍ୟ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ପ୍ରଦାନ କରାଯାଇଥିଲା । ଏହା ଶେଷ ପର୍ଯ୍ୟାୟରେ ଅଛି ବୋଲି ସୂଚନା ମିଳିଛି । ତେବେ ଏହି ଶକ୍ତି କ୍ଷେତ୍ରର ବିଭିନ୍ନ ସମସ୍ୟାର ସମାଧାନ ଜରୁରୀ ହୋଇ ପଡିଥିବା ସ୍ଥାନୀୟ ଅଧିବାସୀ ମତ ଦେଇଛନ୍ତି । ମାଆ ରାମଚଣ୍ଡୀ ସେନାର କାର୍ଯ୍ୟକର୍ତ୍ତା ସୁବାସ ସ୍ୱାଇଁ କୁହନ୍ତି ଯେ, ମାଆଙ୍କ ରୀତିନୀତି ପରିଚାଳନା ପାଇଁ ତତ୍କାଳୀନ କୁଜଙ୍ଗ ରାଜା ରାମନଗର, ପେଟଛେଲା, କୋଟିଲା, ଭୋପାଳ, ବାରଡାଙ୍ଗ ଆଦି ମୌଜାରେ ଜମି ଦାନ କରିଥିଲେ । ତେବେ ଏହି ଜମି କେତେକ ଜବରଦଖଲକାରୀଙ୍କ କବଜାକୁ ଚାଲିଯାଇଛି। ସେହିପରି ୨୦୧୬ ମସିହାରୁ ମନ୍ଦିର ପରିଚାଳନା ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଏହାର ନବୀକରଣ ହୋଇନାହିଁ । ଏପରି ବହୁ ସମସ୍ୟା ଉତ୍ଥାପନ କରି ମହାକାଳପଡା ବ୍ଲକରେ ଗତ ପ୍ରଶାସନିକ ଜନଶୁଣାଣି ସମୟରେ ସେନା ପକ୍ଷରୁ ସମାଧାନ ପାଇଁ ଦାବିପତ୍ର ଦିଆଯାଇଥିଲା । ଜିଲାପାଳ ସମର୍ଥ ବର୍ମା ମଧ୍ୟ ସମସ୍ୟାଗୁଡିକର ଅନୁଧ୍ୟାନ ପାଇଁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେନାର କର୍ମକର୍ତ୍ତା ଲକ୍ଷ୍ମୀଧର ସ୍ୱାଇଁ କୁହନ୍ତି ଯେ, ମାଆଙ୍କ ପୀଠ ବାଟ ଦେଇ ପର୍ଯ୍ୟଟନ କ୍ଷେତ୍ର ହୁକିଟୋଲା ଓ ବତୀଘରକୁ ପର୍ଯ୍ୟଟକମାନେ ଯାଇଥାନ୍ତି । ଏଥିପାଇଁ ୧୯୯୭-୯୮ ଆର୍ଥିକ ବର୍ଷରେ ପୀଠ ପରିସରରେ ପାନ୍ଥଶାଳା ନିର୍ମାଣ ହୋଇଥିଲା । ଏହା ଏବେ ଜରାଜୀର୍ଣ୍ଣ ହୋଇ ପଡି ରହିଥିବାରୁ ପର୍ଯ୍ୟଟକଙ୍କ କାମରେ ଆସୁନାହିଁ। ସେହିପରି ମାଆଙ୍କ ପ୍ରସିଦ୍ଧ ପର୍ବ ଝାମୁଯାତ୍ରାରେ ଅସଂଖ୍ୟ ଭିଡ ପରିଲକ୍ଷିତ ହୋଇଥାଏ । ଏହି ସମୟରେ ଆଦାୟ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହେଉଛି । ଏହାର ତଦନ୍ତ ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି । ମହାକାଳପଡା ୟୁଥ କ୍ଲବ ସଭାପତି ସୁନିଲ ଗୋଚ୍ଛାୟତ କହିଛନ୍ତି ଯେ, ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ ବଢ଼ିବ । ଏଥିସହିତ ଝାମୁଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଦୃଷ୍ଟିରୁ ପୀଠ ପରିସରର ବୃଦ୍ଧି ଆବଶ୍ୟକ । ଏହି ସ୍ଥାନରେ ଏବେ ନିର୍ମାଣ ଚାଲିଥିବା ପାଣି ଟାଙ୍କି ଆଗାମୀ ଦିନରେ ଅସୁବିଧା ସୃଷ୍ଟି କରିବ । ଏଥିସହିତ ଦୁଇଥର ଏହି ପୀଠରୁ ଅଳଙ୍କାର ଚୋରି ହୋଇଥିବାରୁ ଏଠାରେ ପୋଲିସ ପାଟ୍ରୋଲିଂର ଆବଶ୍ୟକତା ରହିଛି । ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର ସମସ୍ୟାର ସମାଧାନ ପାଇଁ ପୀଠ ସ୍ଥଳକୁ ଯାଇ ଅନୁଧ୍ୟାନ କରିବେ ବୋଲି ପ୍ରକାଶ କରିଛନ୍ତି ।

## 'ଗୌରବ' ଉନ୍ମୋଚିତ



ଅତିଥିମାନେ 'ଗୌରବ' ଶାରଦୀୟ ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି।

**ପଟ୍ଟାମୁଣ୍ଡାଇ, ୬।୧୧ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ବେଲତଳ ବେଲେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ କଷଣଅଣ୍ଡା ହାଇସ୍କୁଲଠାରେ ସାହିତ୍ୟ ପତ୍ରିକା 'ଗୌରବ'ର ୨୯ତମ ଶାରଦୀୟ ବିଶେଷାଙ୍କ ରବିବାର ଉନ୍ମୋଚିତ ହୋଇଯାଇଛି। ବେଲେଶ୍ୱର ସାହିତ୍ୟ ସଂସଦ ସଭାପତି ବ୍ରଜବନ୍ଧୁ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ରାହ୍ମଣୀ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବିଶ୍ୱାଳ, ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟ ପତ୍ରିକା 'ଗୌରବ' ସାମାଜିକ ଚେତନା, ଭାଷା ସାହିତ୍ୟର ଅଗ୍ରଗତି ଦିଗରେ ଦୀର୍ଘ ବର୍ଷ ଧରି କାମ କରି ଏକ ନିଆରା ପରିଚୟ ସୃଷ୍ଟି କରି ପାରିଛି ବୋଲି ମତବ୍ୟକ୍ତ କରିଥିଲେ। କବି ଅଭିରାମ ସାହୁ, ଗାଳ୍ପିକ ପ୍ରଦୀପ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟ ଦ୍ୱାରା ହିଁ ସମାଜରେ ସଚେତନତା ବାର୍ତ୍ତା ପହଞ୍ଚା ଯାଇପାରିବ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ସାହିତ୍ୟ ପତ୍ରିକା 'ଗୌରବ'ର ଶାରଦୀୟ ବିଶେଷାଙ୍କ ଉନ୍ମୋଚନ କରିଥିଲେ। 'ଗୌରବ' ପତ୍ରିକାର ସମ୍ପାଦକ କବି ଶଙ୍କର୍ଷଣ ଦାଶ ପତ୍ରିକା ସମ୍ପର୍କରେ ସୂଚନା ଦେଇଥିଲେ। ପାପାଲି ଭୂୟାଁଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବି ନାରାୟଣ ପ୍ରସାଦ ରାଉଳ, ଇଂ. ତପନ ପାତ୍ର, ପ୍ରମୋଦ ସାହୁ, ନରହରି ଦାସ, ମନୋଜ ଶତପଥୀ, କୁଳମଣି ସାହୁ, ପ୍ରସନ୍ନ ବେହୁରା, ଦେବାଶିଷ ପ୍ରଧାନ, ସୁଧାଂଶୁ ଦାସ, ଗୋଲେଖ ପାତ୍ର, ପାର୍ଥସାରଥୀ ଦାଶ, ବସନ୍ତ ସ୍ୱାଇଁ, ଶରତ ପାଣି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କବି ସଚ୍ଚିତ୍ର ବେହୁରା ଧନ୍ୟବାଦ ଦେଇଥିଲେ।

# 'ବାଦ' ସମ୍ପର୍କିତ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଅଧ୍ୟାପିକା ଓ ଅଧ୍ୟାପକମାନେ।

**ପଟ୍ଟାମୁଣ୍ଡାଇ, ୬।୧୧ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ 'ବାଦ' ସମ୍ପର୍କିତ ଏକ ଆଲୋଚନାଚକ୍ର ବୁଧବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର୍ ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ଡ. ନୀଳମଣି ଲେଙ୍କା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ହୃଦୟାନନ୍ଦ ସ୍ମାରକୀ ମହାବିଦ୍ୟାଳୟ ଓଡିଆ ବିଭାଗ ମୁଖ୍ୟ ଡ. ଲକ୍ଷ୍ମଣ କୁମାର ଦାଶ ଯୋଗଦେଇ କବିତା ମାଧ୍ୟମରେ ସ୍ଥାନ ପାଉଥିବା ବିଭିନ୍ନ ବାଦ ରୋମାଣ୍ଟିକ୍, ପ୍ରତୀକ, ଚିତ୍ରକଳ୍ପ, କ୍ଲାସିକ୍, ବାମାବାଦ ଓ ରହସ୍ୟବାଦ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ପ୍ରମୋଦ କୁମାର ସ୍ୱାଇଁ, ପ୍ରାଧ୍ୟାପିକା ଡ. ପ୍ରେମଲତା ରାଉତ ପ୍ରମୁଖ ଯୋଗଦେଇ 'ବାଦ' ସମ୍ପର୍କରେ ମତ ରଖିଥିଲେ। ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରକାଶ କୁମାର ବେହେରା, ସୁନାକର ସେଠୀ, ଅମିଷା ସାହୁ, ରାଜେଶ୍ୱରୀ ସିଂହ, ସସ୍ମିତା ପାଢ଼ୀ, ବିଶ୍ୱଜିତ ଦାଶ, ପ୍ରିୟମ୍ବଦା ଦାଶ, ମଧୁସ୍ମିତା ମଲ୍ଲିକ, ବୈଶାଖୀ ସେଠୀ ପ୍ରମୁଖ ଉଦ୍‌ଘାଟନୀ ସଙ୍ଗୀତ ଗାନ କରିବା ସହିତ ଆଲୋଚନାଚକ୍ର ପରିଚାଳନାର ସହଯୋଗ କରିଥିଲେ। ଶେଷରେ ଛାତ୍ରୀ ଜ୍ୟୋତ୍ସ୍ନା ସେଠୀ ଧନ୍ୟବାଦ ଦେଇଥିଲେ।

## ଲୁଟ୍ ଉଦ୍ୟମ, ଜଣେ ଗିରଫ

**ରାଜନଗର, ୬।୧୧(ଡି.ଏନ.ଏ.)**

ମଙ୍ଗଳବାର କେନ୍ଦ୍ରାପଡାର ଦେବାଶିଷ ପଣ୍ଡା ଓ ତାଙ୍କର ୫ଜଣ ସାଙ୍ଗ ଭିତରକନିକାକୁ ବୁଲିବାକୁ ଆସିଥିଲେ। ଭିତରକନିକାରୁ ଫେରିବା ବେଳେ ଘଡିଆମାଳ ଛକ ନିକଟରେ ଲିଜୁନା ନାୟକ ଓ ଅନ୍ୟ ୪ଜଣ ସେମାନଙ୍କ ଗାଡିକୁ ପିଛା କରି ଅଟକାଇ ଥିଲେ। ଏହାପରେ ଟଙ୍କା ଓ ସୁନା ଦେବାକୁ ଧମକ ଦେଇ ଗାଡି ଭଙ୍ଗାରୁଜା କରିଥିଲେ। କୌଶଳ କ୍ରମେ ଲୁଟେରାଙ୍କ ହାବୁଡରୁ ପର୍ଯ୍ୟଟକମାନେ ଖସିଆସି ରାଜନଗର ଥାନାରେ ଏତଲା ଦେଇଥିଲେ। ଏ ନେଇ ରାଜନଗର ଥାନାରେ କେସ ନଂ ୨୦୯, ଦଫା ୩୯୫ରେ ମାମଲା ରୁଜୁ ହୋଇଛି। ପୋଲିସ ଲିଜୁନା ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟମାନେ ଫେରାର ଅଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଗତ ୮ମାସ ତଳେ ଲିଜୁନାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତାଙ୍କ ନିକଟରୁ ଏକ ମାରଣାସ୍ତ୍ର ଜବତ କରିଥିଲା।

## ଏମ୍‌ପିଙ୍କ ଦୁର୍ବ୍ୟବହାରକୁ ନେଇ ଦାବିପତ୍ର

**ରାଜନଗର,୬।୧୧(ଡି.ଏନ.ଏ.)**

କେନ୍ଦ୍ରାପଡା ଏମପି ଅନୁଭବ ମହାନ୍ତି ଜିଲାର ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଦେଖାଇବା ଘଟଣାର ପ୍ରତିବାଦ କରି ବୁଧବାର ରାଜନଗର ଓ ପଟ୍ଟାମୁଣ୍ଡାଇରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗଣମାଧ୍ୟମ ପ୍ରତିନିଧି ଦୋଳଗୋବିନ୍ଦ ଜେନା, ପ୍ରବୀର କୁମାର ନାୟକ, ଜଗନ୍ନାଥ ଦାସ, ତାପସ କୁମାର ପରିଡା, ତ୍ରିଲୋଚନ ଦାସ, କୃତ୍ତିବାସ ପ୍ରଧାନ ପ୍ରମୁଖ ରାଜନଗର ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ପ୍ରସଙ୍ଗ

## ବିଡିଓଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ

**ପଟ୍ଟାମୁଣ୍ଡାଇ, ୬।୧୧ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୋହନପୁର ପଞ୍ଚାୟତରେ ଆବାସ ଯୋଜନାରେ ଗୃହ ବଣ୍ଟନରେ ବ୍ୟାପକ ଅନିୟମିତତା ପ୍ରତିବାଦରେ ପଞ୍ଚାୟତବାସୀ ସୋମବାରଠାରୁ ଆମରଣ ଅନଶନ ଓ ଗଣଧାରଣା ଦେଇଥିଲେ। ତେବେ ମଙ୍ଗଳବାର ବିଡିଓ ପବିତ୍ର ମୋହନ କାନୁନ୍‌ଗୋଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି। ବିଡିଓ କାନୁନ୍‌ଗୋ ଧାରଣାସ୍ଥଳରେ ପହଞ୍ଚି ଧାରଣା ଓ ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ଦୁର୍ନୀତିରେ ସମ୍ପୃକ୍ତ ଥିବା ଗ୍ରାମ ରୋଜଗାର ସେବକ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବଂ ଆବାସ ଯୋଜନାରୁ ବାଦ୍ ପଡିଥିବା ହିତାଧିକାରୀଙ୍କୁ ତୁରନ୍ତ ଗୃହ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପଞ୍ଚାୟତବାସୀ ଅନଶନରୁ ଓହରି ଥିଲେ। ଏଥିସହ ଜିଲାପାଳ ଅସାଧୁ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଫୋନ୍ ଯୋଗେ ଗଣଧାରଣାକାରୀଙ୍କୁ କହିଥିଲେ।

# ବିଦ୍ୟାଳୟ ମିଶ୍ରଣ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ

**କେନ୍ଦ୍ରାପଡ଼ା ଅଫିସ,୬।୧୧**





ଗୋଟିଏ ଶ୍ରେଣୀଗୃହରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି। ଜିଲା ଶିକ୍ଷାଧିକାରୀଙ୍କ ସହ ପ୍ରାକ୍ଟିସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠାତା ଓ ଅନ୍ୟମାନେ ଆଲୋଚନାରତ।

ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ ପରିସରରେ ଥିବା ପ୍ରାକ୍ଟିସିଂ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କଲେଜ କଲୋନୀ ପ୍ରାଥମିକ ବିଦ୍ୟାଳୟର ମିଶ୍ରଣକୁ ନେଇ ସମସ୍ୟା ଉପୁଜିଛି । ଫଳରେ ଶିକ୍ଷାଦାନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି । ପ୍ରାକ୍ଟିସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତତ୍କାଳୀନ କଲେଜ ଅଧ୍ୟକ୍ଷ ନନ୍ଦ କିଶୋର ପରିଡା, ଡ. ବାସୁଦେବ ଦାସ, ପ୍ରାକ୍ତନ ଅଧ୍ୟକ୍ଷ ରାମଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ୧୯୮୮ ମସିହାରେ ପ୍ରତିଷ୍ଠା ହୋଇଥିଲା । ଏହି ବିଦ୍ୟାଳୟରେ ଥିବା ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଥମରୁ ତିନୋଟି ଶ୍ରେଣୀ ଗୃହ ଥିଲା । ଏହି ତିନୋଟି ଶ୍ରେଣୀରେ ସମୁଦାୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୪୨ ଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମିଶାଇ ତିନିଜଣ ଶିକ୍ଷକ ଶିକ୍ଷାଦାନ ପାଇଁ ନିଯୁକ୍ତ ହୋଇଛନ୍ତି । ମାତ୍ର ସର୍ବଶିକ୍ଷା ଅଭିଯାନ ବ୍ୟବସ୍ଥା ଅନୁଯାୟୀ କଲେଜ ପରିସର ମଧ୍ୟରେ ୧୯୭୩ ମସିହାରୁ ସ୍ଥାପିତ ହୋଇଥିବା କଲେଜ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ୧ରୁ ୫ମ ଶ୍ରେଣୀ ରହିଛି । ଏହି ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୩୦ ରହିଛି । ତେବେ ସର୍ବଶିକ୍ଷା ଅଭିଯାନ ବ୍ୟବସ୍ଥା ଅନୁଯାୟୀ ଜିଲା ଶିକ୍ଷା ଅଧିକାରୀ ତଥା ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ ଏହି ପ୍ରାଥମିକ ବିଦ୍ୟାଳୟକୁ ଗତ ଅକ୍ଟୋବର ୧ ତାରିଖରୁ ପ୍ରାକ୍ଟିସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଇ ଦେଇଛନ୍ତି। ଫଳରେ ତିନୋଟି ଶ୍ରେଣୀ ଗୃହରେ ଆଠୋଟି ଶ୍ରେଣୀର ଛାତ୍ରୀଛାତ୍ର ପାଠପଢ଼ିବା ଏବଂ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବା ନେଇ ସମସ୍ୟା ଦେଖାଦେଇଛି । କଲେଜ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଦୁଇଜଣ ଶିକ୍ଷୟିତ୍ରୀ ଶିକ୍ଷାଦାନ ପାଇଁ ରହିଛନ୍ତି । ମାତ୍ର ଗୋଟିଏ ଶ୍ରେଣୀ ଗୃହରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଆଉ ଏକ ଶ୍ରେଣୀଗୃହରେ ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଅଧ୍ୟୟନ କରୁଛନ୍ତି। ଅନ୍ୟ ଏକ ଶ୍ରେଣୀ ଗୃହରେ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାଠ ପଢାଯାଉଛି । ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି । ସୂଚନା ଅନୁଯାୟୀ ପ୍ରାକ୍ଟିସିଂ ବିଦ୍ୟାଳୟରେ ୮୦ ପ୍ରତିଶତ ଛାତ୍ରୀଛାତ୍ର ଦଳିତ ବର୍ଗର ରହିଛନ୍ତି । ଏ ସମ୍ପର୍କରେ ସାମାଜିକ କର୍ମୀ ଅମରବର ବିଶ୍ୱାଳ ତାଙ୍କ ପ୍ରତିକ୍ରିୟା ରଖି କହିଛନ୍ତି ସରକାରଙ୍କ ଯୋଜନା ଅନୁଯାୟୀ ୧୦୦ ମିଟର ମଧ୍ୟରେ ଦୁଇଟି ବିଦ୍ୟାଳୟ ଥିଲେ ଉଭୟକୁ ମିଶ୍ରଣ କରାଯାଇ ଗୋଟିଏ ବିଦ୍ୟାଳୟରେ ଶିକ୍ଷାଦାନ କରାଯିବ । ମାତ୍ର ପ୍ରାକ୍ଟିସିଂ ପ୍ରାଥମିକ ବିଦ୍ୟାଳୟ ଠାରୁ କଲେଜ କଲୋନୀ ପ୍ରାଥମିକ ବିଦ୍ୟାଳୟ ୧୦୦୦ ମିଟରରୁ ଉର୍ଦ୍ଧ୍ୱ ଦୂରତାରେ ରହିଛି। ଏଥିସହିତ କଲେଜ କଲୋନୀ ପ୍ରାଥମିକ ବିଦ୍ୟାଳୟ କଲେଜ ପରିସରରେ ଥିବା ବେଳେ ପ୍ରାକ୍ଟିସିଂ ପ୍ରାଥମିକ ବିଦ୍ୟାଳୟ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ ପରିସରରେ ରହିଛି । ଭିତ୍ତିଭୂମିକୁ ଦୃଷ୍ଟିରେ ନ ରଖି ଜିଲା ଶିକ୍ଷାଧିକାରୀ ଏଭଳି ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚକିତ କରିଛନ୍ତି । ଏ ସମ୍ପର୍କରେ ବୁଧବାର ପ୍ରାକ୍ଟିସିଂ ପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠାତା ନନ୍ଦ କିଶୋର ପରିଡ଼ା ଓ ଡ. ବାସୁଦେବ ଦାସ ଜିଲା ଶିକ୍ଷାଧିକାରୀ କଳ୍ପନା ବେହେରା ଓ ବ୍ଲକ ଶିକ୍ଷାଧିକାରୀ ଅନ୍ତର୍ଯ୍ୟାମୀ ନାୟକଙ୍କ ସହିତ ଆଲୋଚନା କରିଛନ୍ତି । ଖୁବଶୀଘ୍ର ଏହି ବିଦ୍ୟାଳୟର ସମସ୍ୟା ସମାଧାନ କରାଯିବ ବୋଲି ଉଭୟ ଶିକ୍ଷାଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ

**ମାର୍ଶାଘାଇ,୬।୧୧(ଡି.ଏନ୍.ଏ.)**

ଶିଳିପୁର ପଞ୍ଚାୟତ ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ ଇତିମଧ୍ୟରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଯଦୁନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକର ପ୍ରାରମ୍ଭରେ ଅବସରପ୍ରାପ୍ତ କର୍ମଚାରୀ ଫକୀର ଚରଣ ଦାସଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ନବକିଶୋର ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂଘର ନୂତନ ସଭ୍ୟମାନଙ୍କୁ ସ୍ୱାଗତ କରାଯିବା ସହ ନୂତନ କର୍ମକର୍ତ୍ତା ନିର୍ବାଚନ ନେଇ ଆଲୋଚନା କରାଯାଇଥିଲା । ଆଗାମୀ ୧୭ ତାରିଖରେ ନୂତନ କର୍ମକର୍ତ୍ତା ଚୟନ ପାଇଁ ସ୍ଥିର ହୋଇଥିଲା । ଏଥିରେ ଉପସଭାପତି ରାଜକିଶୋର ଦାସ ,ସହ ସମ୍ପାଦକ ବିଷ୍ଣୁ ଚରଣ ବେହେରା ,କୋଷାଧକ୍ଷ ଭରତ ଚନ୍ଦ୍ର ବେହେରା,ଶ୍ରୀଧର ଦାସ ,ଭିକାରୀ ଚରଣ ବେଉରା ,ଭାରତୀ କାନୁନ୍‌ଗୋ ,ସୁଦର୍ଶନ ଦାସ ,ବ୍ରହ୍ମାନନ୍ଦ ସେଠୀ ,ପ୍ରେମଲତା ଦାସ,ସୁଲୋଚନା ଦାସ,ବ୍ରଜସୁନ୍ଦର ସ୍ୱାଇଁ ଓ ଜ୍ୟୋତିର୍ମୟୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୭/୨୦୧୯ Bhubaneswar, Thursday, November 7/2019

## ସଂକ୍ଷେପରେ

### ଚା'ରେ ନିଶା ଦେଇ ଯୁବକଙ୍କ ଠାରୁ ଟଙ୍କା,ମୋବାଇଲ ଲୁଟ୍

**ରାଜନଗର, ୬।୧୧ (ଡି.ଏନ.ଏ.):** ଦୁବାଇରୁ ଗାଁକୁ ଫେରୁଥିବା ଜଣେ ଯୁବକଙ୍କୁ ଭୁବନେଶ୍ୱର ରେଲୱେ ଷ୍ଟେଶନ ନିକଟରେ ଜଣେ ବ୍ୟକ୍ତି ଚା'ରେ ନିଶା ଦେଇ ମୋବାଇଲ, ଟଙ୍କା, ପାସପୋର୍ଟ, ଏଟିଏମ ଆଦି ଲୁଟି ନେଇଛନ୍ତି। ନିଶା ଛାଡିବା ପରେ ଯୁବକ ଜଣଙ୍କ ଘରେ ଆସି ପହଞ୍ଚିଛନ୍ତି । ପ୍ରକାଶ ଯେ, ରାଜନଗର ଥାନା ବଳରାମପୁର ଗାଁର ଗଣେଶ୍ୱର ପରିଡାଙ୍କ ପୁଅ ଗୌରାଙ୍ଗ (୩୦) ଦୁବାଇରେ ଗତ ୪ବର୍ଷ ହେଲା ଚାକିରି କରିଛନ୍ତି । ଗତ ୮ଦିନ ତଳେ ସେ ହାଇଦ୍ରାବାଦରେ ପହଞ୍ଚି ସାନଭାଇ ନିକଟରେ ଥିଲେ। ୪ ତାରିଖରେ ସେ ହାଇଦ୍ରାବାଦରୁ ଟ୍ରେନରେ ଆସି ଭୁବନେଶ୍ୱର ରେଳ ଷ୍ଟେଶନରେ ୫ତାରିଖ ଭୋରରୁ ପହଞ୍ଚି ଥିଲେ। ବିଶାଖାପାଟଣା ନିକଟରୁ ଜଣେ ଯୁବକ ଟ୍ରେନରେ ଉଠି ତାଙ୍କ ନିକଟରେ ବସିଥିଲେ। ଭୁବନେଶ୍ୱର ରେଳ ଷ୍ଟେଶନରୁ ଓହ୍ଲାଇ ଗୌରାଙ୍ଗ ବସଷ୍ଟାଣ୍ଡକୁ ଆସିଥିଲେ। ବସ ଆସିବା ପୂର୍ବରୁ ଯୁବକ ଜଣଙ୍କ ତାଙ୍କୁ ଚା' ପିଇବା ପାଇଁ ଦେଇଥିଲେ। ଏହାପରେ ସେ କିଛି ଜାଣି ପାରି ନ ଥିଲେ। ବୁଧବାର ସକାଳ ୮ଟା ବେଳେ ତାଙ୍କ ନିଦ ଭାଙ୍ଗିଥିଲା। ଭୁବନେଶ୍ୱର ଆଖପାଖର ଏକ ଢାବା ପାଖରେ ସେ ନିଜକୁ ଠାବ କରିଥିଲେ। ସେଠାରୁ ବସରେ ପଞ୍ଚାମୁଣ୍ଡାଇ ଆସିଥିଲେ। ପରିବାର ଲୋକେ ଗତକାଲିଠାରୁ ତାଙ୍କୁ ନ ପାଇ ଭୁବନେଶ୍ୱର ରେଳ ଷ୍ଟେଶନରେ ଜଣାଇଥିଲେ। ଅନ୍ୟଜଣଙ୍କ ମୋବାଇଲରୁ ଗୌରାଙ୍ଗ ଘରକୁ ଫୋନ କରିବା ପରେ ପରିବାର ଲୋକେ ତାଙ୍କୁ ପଞ୍ଚାମୁଣ୍ଡାଇରୁ ଘରକୁ ଆଣିଛନ୍ତି । ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ଗୌରାଙ୍ଗ ସୁସ୍ଥ ହୋଇନାହାନ୍ତି । ଗୌରାଙ୍ଗଙ୍କ ମୋବାଇଲ ସହିତ ପରିବାର ଲୋକଙ୍କ ପାଇଁ ଆଣିଥିବା ଅନ୍ୟ ୩ଟି ମୋବାଇଲ, ୫ହଜାର ଟଙ୍କା, ପାସପୋର୍ଟ, ଏଟିଏମ ଓ ଅନ୍ୟାନ୍ୟ ସାମଗ୍ରୀ ସେମାନେ ଲୁଟି ନେଇଛନ୍ତି ବୋଲି ଗୌରାଙ୍ଗଙ୍କ ଦାଦା ରମେଶ ଚନ୍ଦ୍ର ପରିଡା ସୂଚନା ଦେଇଛନ୍ତି।

# 'ବୁଲ୍‌ବୁଲ୍' ପାଇଁ ପ୍ରଶାସନିକ ପ୍ରସ୍ତୁତି

**ପାଟକୁରା, ୬।୧୧ (ଡି.ଏନ୍.ଏ.)**



ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ଅନ୍ୟମାନେ ।

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆସନ୍ତା ୪-୫ ଦିନ ଭିତରେ ବାତ୍ୟାରେ ପରିଣତ ହେବାର ଆଶଙ୍କା ରହିଛି। ଏହାର ନାମ 'ବୁଲ୍‌ବୁଲ୍' ରଖାଯାଇଛି। ତେବେ ବୁଲ୍‌ବୁଲ୍ କେବେ ଓ କେଉଁ ଉପକୂଳ ଛୁଇଁବ, ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳି ପାରି ନ ଥିବା ବେଳେ ଏହା ପଶ୍ଚିମବଙ୍ଗ ଓ ବାଂଲାଦେଶ ଆଡ଼କୁ ମୁହାଁଇପାରେ ବୋଲି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)। ତେବେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗରଦପୁର ବ୍ଲକ ପ୍ରଶାସନ ପକ୍ଷରୁ ଏହାର ମୁକବିଲା ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଡିଓ ଧରଣୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ତହସିଲଦାର ଉମାକାନ୍ତ ବିଶ୍ୱାଳ, ସହକାରୀ ନିର୍ବାହୀଯନ୍ତ୍ରୀ ସୁଧୀର ବେହେରା, ପ୍ରାଣୀଧନ ଚିକିତ୍ସକ ସଞ୍ଜୟ ବେହେରା, ଚେୟାରମ୍ୟାନ୍ ସ୍ୱର୍ଣ୍ଣପ୍ରଭା ସେଠୀ, ଜିଲା ପରିଷଦ ସଦସ୍ୟ ସନ୍ତୋଷ ଜେନା, ସୁଜାତା ରାଉତରାୟ, ଅହଲ୍ୟା ଲେଙ୍କାଙ୍କ ସମେତ ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟାମାନେ ଉପସ୍ଥିତ ଥିଲେ। କଚ୍ଚା ଘରେ ବସବାସ କରୁଥିବା ଲୋକମାନଙ୍କୁ ତୁରନ୍ତ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ସହ ଖାଦ୍ୟପେୟ ବ୍ୟବସ୍ଥା କରିବାକୁ ବିଡିଓ ଲୋକପ୍ରତିନିଧିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦିବ୍ୟାଙ୍ଗ, ବୃଦ୍ଧ, ଗର୍ଭବତୀ ଓ ଶିଶୁମାନଙ୍କୁ ପ୍ରଥମେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ବାତ୍ୟାରେ ଯେପରି ଜଣେ ବି ପ୍ରାଣ ନ ହରାନ୍ତି, ସେ ଦିଗରେ ବିଶେଷ ଧ୍ୟାନ ଦେବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଡାକବାଜି ଯନ୍ତ୍ର ସାହାଯ୍ୟରେ ବ୍ଲକର ବିଭିନ୍ନ ସ୍ଥାନରେ ଲୋକମାନଙ୍କୁ ସଚେତନ କରିବା ପାଇଁ ପ୍ରଚାର କରାଯାଉଛି।

### ବାତ୍ୟା ଆଶଙ୍କା, ଲୋକଙ୍କୁ ସତର୍କ କଲା ପ୍ରଶାସନ

# ଭୟଭୀତ ନ ହେବାକୁ ପରାମର୍ଶ

**ମହାକାଳପଡ଼ା, ୬।୧୧ (ଡି.ଏନ୍.ଏ.)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଡିପ୍ ଡିପ୍ରେସନ୍‌ରେ ପରିଣତ ହୋଇ ବାତ୍ୟା (ବୁଲ୍‌ବୁଲ୍) ରୂପ ନେବା ଆଶଙ୍କା ରହିଛି। ଏହାର ଗତି ଖୁବ୍ ମନ୍ଥର ରହିଥିବା ବେଳେ ଏହା ପଶ୍ଚିମବଙ୍ଗ ଏବଂ ବାଂଲାଦେଶମୁହାଁ ହୋଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏହା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟରେ ରହିବ। ତେବେ 'ବୁଲ୍‌ବୁଲ୍' କେଉଁ ଉପକୂଳରେ ଲ୍ୟାଣ୍ଡଫଲ୍ କରିବ, ସେ ନେଇ ପୂର୍ବାନୁମାନ କରାଯାଇ ନ ଥିବା ପାଣିପାଗ ବିଭାଗ କହିଛି। ଏବେ ବି ବୁଲ୍‌ବୁଲ୍‌କୁ ନେଇ ସସ୍‌ପେନ୍ସ ଜାରି ରହିଛି। ତଥାପି ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଲୋକଙ୍କୁ ସତର୍କ କରାଇବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ମହାକାଳପଡ଼ା ବ୍ଲକର ବଟିଘର, ଖରିନାସୀ, ରାମନଗର, ବଉଳକଣୀ, ଜମ୍ବୁ, ସୁନିତି, ନାଞ୍ଚୁରା, ତନ୍ତିଆପାଳ ଆଦି ଅଞ୍ଚଳରେ ଜିଲା ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ପ୍ରଚାର କରାଯାଉଛି। ଆସନ୍ତା ୮ରୁ ୧୧ ତାରିଖ ମଧ୍ୟରେ ଏହି ବାତ୍ୟା ଉପକୂଳ ଅଞ୍ଚଳକୁ ପ୍ରବେଶ କରିପାରେ। ଏଣୁ ଲୋକମାନେ ସଚେତନ ରହିବାକୁ ଜନସାଧାରଣଙ୍କୁ ସଚେତନ କରାଯାଉଛି। ପ୍ରତ୍ୟେକ ପଞ୍ଚାୟତର ଜନପ୍ରତିନିଧି, ବ୍ଲକ ପ୍ରଶାସନ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକର ୫୦ରୁ ଅଧିକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ, ବିଦ୍ୟାଳୟ ଗୃହ ଓ ଅନ୍ୟାନ୍ୟ କମ୍ୟୁନିଟି କେନ୍ଦ୍ରଗୁଡ଼ିକୁ ସମ୍ଭାବ୍ୟ ବାତ୍ୟା ସମୟରେ ଲୋକଙ୍କୁ ଥଇଥାନ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିସହ ବାତ୍ୟା ପୂର୍ବରୁ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ନ ଯିବା ପାଇଁ ବାରଣ କରାଯାଇଛି। ଯେଉଁମାନେ ଏବେ ସମୁଦ୍ରରେ ଅଛନ୍ତି, ସେମାନେ ତୁରନ୍ତ ଫେରି ଆସିବାକୁ କୁହାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ନେଇ ଭୟଭୀତ ନ ହେବା ସହ ସତର୍କତାର ସହ କାର୍ଯ୍ୟ କରିବାକୁ ଭାରପ୍ରାପ୍ତ ବିଡିଓ ଭଞ୍ଜକିଶୋର ନାୟକ ବ୍ଲକ ଅଞ୍ଚଳବାସୀଙ୍କୁ ପରାମର୍ଶ ଦେଇଛନ୍ତି।

## ଟ୍ରାକ୍ଟର ଭଡାରେ ନେଇ କବାଡିଆକୁ ବିକି ଦେଲେ, ଜଣେ ଗିରଫ

**ରାଜନଗର,୬।୧୧(ଡି.ଏନ.ଏ.)**

ଟ୍ରାକ୍ଟର ଭଡାରେ ନେଇ ପରେ ଜଣେ କବାଡିଆଙ୍କୁ ବିକ୍ରି କରିବା ଅଭିଯୋଗରେ ପୋଲିସ ବୁଧବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ରାଜନଗର ଥାନା ଅନ୍ତର୍ଗତ ଭିତରଗଡ ଗାଁର ପବିତ୍ର ଜେନା ଓସ୍ତିଆ ଗାଁର ନିରଞ୍ଜନ ବଳଙ୍କ ଠାରୁ ଗତ ୪ ବର୍ଷ ତଳେ ଏକ ଟ୍ରାକ୍ଟର ଭଡାରେ ଆଣିଥିଲେ। ସେ ମାସକୁ ୧୮ହଜାର ଟଙ୍କା ଲେଖାଏଁ ଦେବା ପାଇଁ ଚୁକ୍ତି କରି ଟ୍ରାକ୍ଟର ଆଣିଥିଲେ। କିନ୍ତୁ ପବିତ୍ର ଗତ କିଛି ଦିନ ହେଲା ନିରଞ୍ଜନଙ୍କୁ ମାସିକ ଭଡା ଟଙ୍କା ଦେଉ ନ ଥିଲେ। ଫଳରେ ନିରଞ୍ଜନ ଟ୍ରାକ୍ଟର ଫେରାଇ ଦେବା ପାଇଁ ତାଙ୍କୁ କହିଥିଲେ ହେଁ ସେ ଫେରାଇ ନ ଥିଲେ। ଏ ସଂପର୍କରେ ବୁଝାବୁଝି କରିବା ପରେ ପବିତ୍ର ଉକ୍ତ ଟ୍ରାକ୍ଟର ଓ ଡାଲାକୁ କବାଡିଆକୁ ବର୍ଷକ ତଳୁ ବିକ୍ରି କରି ଦେଇଥିବା ନିରଞ୍ଜନ ଜାଣିବାକୁ ପାଇଥିଲେ। ଏ ନେଇ ଟ୍ରାକ୍ଟର ମାଲିକ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ମାମଲା ରୁଜୁ କରିବା ସହ ପବିତ୍ରଙ୍କୁ ଗିରଫ କରିଥିଲା । ଏହାର କେସ ନଂ ୨୦୬/୧୯।

## ଆଗାମୀ ଦୁଇଦିନ ସାମାନ୍ୟ ବର୍ଷା ସମ୍ଭାବନା

**କେନ୍ଦ୍ରାପଡା ଅଫିସ, ୬।୧୧**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ବୁଧବାର ଅପରାହ୍ନ ୧ଟା ସୁଦ୍ଧା ଲଘୁଚାପରେ ପରିଣତ ହୋଇଛି। ଗୁରୁବାର ଓ ଶୁକ୍ରବାର ଏହା ବାତ୍ୟାର ରୂପ ନେବା ସମ୍ଭାବନା ଥିବା ପାଣିପାଗ ବିଶେଷଜ୍ଞ ଆକଳନ କରିଛନ୍ତି। ତେବେ ଏହି ଦୁଇ ଦିନ ପ୍ରବଳ ବର୍ଷା ସମ୍ଭାବନା ନ ରହିଛି। ଜିଲା ଜରୁରୀକାଳୀନ ଅଧିକାରୀ ସମ୍ବିତ ଶତପଥୀଙ୍କ ସୂଚନା ଅନୁଯାୟୀ, ଏହି ସମୟରେ ସମୁଦ୍ରରେ ଜୁଆର ଉଠିବା ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବା ମନା ହୋଇଛି ।

## ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ବଣ୍ଟନ

**ପଞ୍ଚାମୁଣ୍ଡାଇ, ୬।୧୧ (ସ୍ୱ.ପ୍ର.)**



ଶିବିରରେ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଓ ଅନ୍ୟମାନେ।

ପଞ୍ଚାମୁଣ୍ଡାଇ ବ୍ଲକ ସମ୍ମିଳନୀ ଗୃହରେ ଜୀବିକା ମିଶନ ପକ୍ଷରୁ ମହିଳା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେତେକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ବଣ୍ଟନ କରାଯାଇଥିଲା। ପଞ୍ଚାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନ୍‌ଗୋଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ଜିଲାପାଳ ସମର୍ଥ ବର୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ଆତ୍ମନିଯୁକ୍ତ ନିର୍ଦ୍ଦେଶକ ମଳୟ କୁମାର ମିତ୍ର, ଡିପିଏମ୍ ସତ୍ୟଭାମା ପ୍ରଧାନ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ପ୍ରକାଶ ଗ୍ରହାଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ନେଇଥିବା ଋଣ ଟଙ୍କାର ସଦ୍ ବିନିଯୋଗ କରିବା ଓ ଋଣ ପରିଶୋଧ କରିବା ଦିଗରେ ସଚେତନ କରାଇଥିଲେ। ବୈଠକରେ ଓଡ଼ିଶା ଜୀବିକା ମିଶନର କର୍ମକର୍ତ୍ତା ପଞ୍ଚାମୁଣ୍ଡାଇ ବିପିଏମ୍ ସୁମିତ୍ରା ବିଶ୍ୱାଳ, ହିସାବରକ୍ଷକ ରତିକାନ୍ତ ପଟ୍ଟନାୟକ, ଜୀବିକା ସଂଯୋଜିକା ବନଜା ନନ୍ଦିନୀ ମିଶ୍ର ଓ ଗୌରୀ ପାଣି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୧୨୭ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ବାବଦ ୨ କୋଟି ୧ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତ- ଏମାନେ ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
- ମହାକବି କାଳିଦାସ



# ପାନୀୟ ଜଳ ପାଇଁ ରାସ୍ତାରୋକୋ

**ନୟାଗଡ଼ ଅଫିସ,୬।୧୧**

ପାନୀୟ ଜଳ ପ୍ରକଳ୍ପ ଅଚଳ ଯୋଗୁ ଗ୍ରାମକୁ ପାଇପ୍ ଯୋଗେ ଆସୁଥିବା ପାଣି ବର୍ଷେ ହେଲାଣି ବନ୍ଦ ହୋଇଛି। ଏହାର ସମାଧାନ ପାଇଁ ଗ୍ରାମବାସୀ ସରପଞ୍ଚଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ ବର୍ଷେ ହେଲାଣି କୌଣସି ସୁଫଳ ମିଳି ପାରି ନାହିଁ। ଫଳରେ ଗ୍ରାମବାସୀ ବାଧହୋଇ ଗ୍ରାମ ଦେଇ ଯାଇଥିବା ୫୭ ନଂ.ରାଜ୍ୟ ରାଜପଥରେ ଗରା ବାଲ୍ତି ରଖି ରାସ୍ତାରୋକୋ କରିଥିଲେ।

ବୁଧବାର ଏଭଳି ଘଟଣା ନୟାଗଡ଼ ବ୍ଲକ ଚଣ୍ଡିବସ୍ତ ପଞ୍ଚାୟତ ଖମାରସାହି ଗ୍ରାମଦେଇ ଯାଇଥିବା ଜାତୀୟ ରାଜପଥରେ ଦେଖିବାକୁ ମିଳିଥିଲା। ଗ୍ରାମକୁ ତୁରନ୍ତ ଜଳଯୋଗାଣ ଦାବିରେ ଖମାରସାହି ଗ୍ରାମର ମହିଳାମାନେ ରାସ୍ତାରୋକୋ କରିଥିଲେ। ସକାଳ ୮ଟା ୩୦ରେ ମହିଳାମାନେ ଗରା ବାଲ୍ତି ରଖି ରାସ୍ତାରେ ଧାରଣାରେ ବସିଥିଲେ।



ମହିଳାମାନେ ରାଜପଥରେ ଗରା ବାଲ୍ଟି ରଖି ରାସ୍ତାରୋକୋ କରିଛନ୍ତି।

- ଗରା ବାଲ୍ଟି ଧରି ମହିଳାମାନେ ଦେଲେ ଧାରଣା
- ବର୍ଷେ ହେଲାଣି ପ୍ରକଳ୍ପ ଅଚଳ

ମହିଳାମାନଙ୍କ କହିବାନୁସାରେ ଗ୍ରାମକୁ ପୂର୍ବରୁ ପାଇପ୍ ଯୋଗେ ଜଳ ଯୋଗାଣ ହେଉଥିବା ବେଳେ ବର୍ଷେ ହେଲାଣି ପ୍ରକଳ୍ପ ଅଚଳ ଯୋଗୁ ଜଳ ଯୋଗାଣ ବ୍ୟବସ୍ଥା ଠପ୍ ହୋଇ ପଡ଼ିଛି। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗତବର୍ଷ ନଭେମ୍ବର ମାସରେ ଗ୍ରାମବାସୀ ଜିଲାପାଳଙ୍କ ଠାରେ ଅଭିଯୋଗ ମଧ୍ୟ କରିଥିଲେ। ହେଲେ କୌଣସି ସୁଫଳ ମିଳିପାରି ନାହିଁ।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, କିଛି ବର୍ଷ ତଳେ ଡାହୁକା ନଦୀ କୂଳରେ ଏକ ପାନୀୟ ଜଳ ପ୍ରକଳ୍ପ କରାଯାଇ ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଥିଲା। ଗ୍ରାମବାସୀ ପାଣି ପାଉଥିଲେ ହେଲେ ୨୦୧୩ ମସିହାରେ ଉକ୍ତ ପାନୀୟଜଳ ପ୍ରକଳ୍ପ (ଟାଙ୍କି)ରୁ ହାଟଦ୍ୱାର ଓ ମଙ୍ଗରାଜପୁର ଗ୍ରାମକୁ ଜଳ ଯୋଗାଣ କରାଯାଇଥିଲା। ଫଳରେ ଟାଙ୍କି ଉପରେ ଅଧିକ ଲୋଡ଼ ହୋଇଥିଲା ଓ ପ୍ରକଳ୍ପ ଖରାପ ହୋଇ ପଡ଼ିଥିଲା। ଗ୍ରାମରେ ୫ଟି ନଳକୂପ ଥିଲେ ମଧ୍ୟ ସେହି ପାଣି ପିଇବା ଯୋଗ୍ୟ ନୁହେଁ। ଫଳରେ ବାଧ ହୋଇ ଉକ୍ତ ପାଣି ପିଇ ଗ୍ରାମବାସୀ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଗ୍ରାମରେ ୩୦୦ ଲୋକ ପାଇପ୍ ପାଣି ଉପରେ ନିର୍ଭର କରୁଥିଲେ। ସଞ୍ଜୁବାଳା ଦାସ, ବିଳାସ ମହାପାତ୍ର, ଅନୀତା ମହାପାତ୍ର, ରଞ୍ଜୁ ଦାସ, ରଞ୍ଜୁଲତା ମହାପାତ୍ରଙ୍କ ସମେତ ଏକାଧିକ ମହିଳା ରାସ୍ତାରୋକୋରେ ସାମିଲ ହୋଇଥିଲେ। ପୂର୍ବାହ୍ନ ୧୦ଟାରେ ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି ଘଟଣାସ୍ଥଳକୁ ଯାଇ ମହିଳାମାନଙ୍କ ସହିତ ଆଲୋଚନା କରିଥିଲେ। ଏ ନେଇ ବିଭାଗ ସହିତ ଆଲୋଚନା କରି ତୁରନ୍ତ ଏହାର ସମାଧାନ ଲାଗି ଥାନା ଅଧିକାରୀ ମହିଳାମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ପୂର୍ବାହ୍ନ ୧୦ଟା ୧୦ରେ ରାସ୍ତାରୋକୋ ହଟିଥିଲା। ଫଳରେ ୫୭ନଂ.ଜାତୀୟ ରାଜପଥରେ ବହୁ ଯାନବାହନ ଲମ୍ବା ଧାଡିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ନୂଆଗାଁ,୬।୧୧(ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ଥାନା ମହିତମା ନିକଟରେ ବୁଧବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କନ୍ଧମାଳ ଜିଲା ଟିକାବାଲି ଥାନା କଇଁଝର ଗ୍ରାମର ବିଜୟ ଚନ୍ଦ୍ର ପ୍ରଧାନ। ମିଳିଥିବା ସୂଚନା ମୁତାବକ ମହିତମା ଛକ ଜାତୀୟ ରାଜପଥ ପାର୍ଶ୍ୱ ଗଛ ନିକଟରେ ଏକ ପଲସର ବାଇକ୍ (ଓଡି୦୨ଏଇ-୧୮୬୩) ସହ ବିଜୟ ଗୁରୁତର ହୋଇ ପଡିଥିବା ସ୍ଥାନୀୟ ଲୋକେ ଦେଖି ନୂଆଗାଁ ପୋଲିସକୁ ଖବର ଦେଇଥିଲେ। କିନ୍ତୁ ପୋଲିସ ପହଞ୍ଚିବା ବେଳକୁ ଲୋକେ ତାଙ୍କୁ ଦଶପଲ୍ଲା ଡାକ୍ତରଖାନା ନେଇଯାଇଥିଲେ। ସେଠାରୁ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌ଟିକୁ ଜବତ କରି ଆଣିଥିଲା। ଦଶପଲ୍ଲା ଡାକ୍ତରଖାନାରେ ବିଜୟଙ୍କୁ ମୃତ ଘୋଷଣା କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

**ଖଣ୍ଡପଡ଼ା,୬।୧୧(ସ୍ୱ.ପ୍ର.):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶ୍ରୀନୀଳମାଧବ ବିହାର କଣ୍ଟିଲୋର ୧୫ତମ ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର କରଙ୍କ ଅଧକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ସକାଳୁ ଶିକ୍ଷାନୁଷ୍ଠାନର ୪ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ନୀଳମାଧବ ଜୀଉଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ଏକ ମଶାଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ କ୍ରୀଡା ଉତ୍ସବରେ ଯୋଗଦେଇଥିଲେ। ଏହି ଉତ୍ସବ ୪ଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି ବିଦ୍ୟାଳୟ ସଭାପତି କର ସୂଚନା ଦେଇଛନ୍ତି।

### କନ୍ଧନୟାଗଡରେ ହାତୀ ଉପଦ୍ରବ
### ଉଜାଡିଲେ ଧାନ ଫସଲ



**ରଣପୁର,୬।୧୧(ସ୍ୱ.ପ୍ର.):** ରଣପୁର ବ୍ଲକ କନ୍ଧ ନୟାଗଡରେ ବଣୁଆ ହାତୀପଲ ଉପଦ୍ରବ ଚଳାଇଛନ୍ତି। ୨୫ ହାତୀ ଦଳ ଦଳ ହୋଇ ଆସି ଅଞ୍ଚଳର ଚାଷୀଙ୍କ ଧାନଫସଲ ନଷ୍ଟ କରୁଛନ୍ତି। ମଙ୍ଗଳବାର ରାତିରେ ହାତୀପଲ ଗ୍ରାମର ବାବୁରାମ ଖମାରୀ ଓ ଛବି ଖମାରୀଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ୧୫ ଏକର ଧାନ ଫସଲ ନଷ୍ଟ କରିଛନ୍ତି। ଏହାସହ ସପୁରି ଫସଲ ମଧ ଖାଇଦେଇଛନ୍ତି। ଘଉଡାଇଲେ ହାତୀପଲ ଯାଉ ନାହାନ୍ତି। ବନ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଦଶପଲ୍ଲା,୬।୧୧(ଡି.ଏନ.ଏ.)**

ଗତ ୧ ତାରିଖରୁ ନିଖୋଜ ଥିବା ଶିମିଳିସାହି ପଞ୍ଚାୟତ ଦେଢ଼ଶର ଗ୍ରାମର ସୁଦର୍ଶନ ଦେହୁରୀ (୬୦)ଙ୍କ ମୃତଦେହ ବୁଧବାର ଉଦ୍ଧାର କରାଯାଇଛି। ସେ ବିଲରେ କାମ କରିବାକୁ ଯାଇ ନିଖୋଜ ଥିଲେ। ବହୁ ଖୋଜାଖୋଜି ପରେ ତାଙ୍କର ସନ୍ଧାନ ମିଳି ନ ଥିଲା। ଫଳରେ ପରିବାର ଲୋକେ ନିଖୋଜ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ବୁଧବାର ଡ୍ୟାମ୍ ନିକଟସ୍ଥ ଗୋଟିଏ ଗଛରେ ସୁଦର୍ଶନଙ୍କ ମୃତଦେହ ଝୁଲୁଥିବା ଗ୍ରାମର କେତେକ ଲୋକ ଦେଖିବାକୁ ପାଇଥିଲେ। ପରିବାର ଲୋକଙ୍କୁ ଖବର ଦେବାରୁ ସେଠାରେ ସେମାନେ ପହଞ୍ଚି ପୋଲିସ ସହାୟତାରେ ମୃତଦେହ ଉଦ୍ଧାର କରିଥିଲେ। ପାରିବାରିକ କାରଣ ନେଇ ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି।

■ କନ୍ଧନୟାଗଡ଼ରେ ପାଇଖାନା ଦୁର୍ନୀତିର ତଦନ୍ତ

## ପ୍ରାରମ୍ଭରୁ ଦୁର୍ନୀତି ଚାପିବାକୁ ପ୍ରୟାସ



କନ୍ଧନୟାଗଡ଼ ଗ୍ରାମରେ ତଦନ୍ତକାରୀ ଦଳ।

**ରଣପୁର,୬।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ କନ୍ଧନୟାଗଡ ପଞ୍ଚାୟତରେ ସ୍ୱଚ୍ଛ ଭାରତ ମିଶନରେ ନିର୍ମାଣ ହେଉଥିବା ପାଇଖାନା ଦୁର୍ନୀତିର ବୁଧବାର ତଦନ୍ତ ହୋଇଛି। ବ୍ଲକ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ନାଥ ସାହୁଙ୍କ ନେତୃତ୍ୱରେ ଏକ ୬ଜଣିଆ ଟିମ୍ ତଦନ୍ତ କରି ଫେରିଛନ୍ତି। ତେବେ ଟିମ୍‌ରେ ୪ ଜଣ ଦୁର୍ନୀତିଗ୍ରସ୍ତ କର୍ମଚାରୀ ସାମିଲ ଥିବାରୁ ତଦନ୍ତର ସ୍ୱଚ୍ଛତା ନେଇ ଉଠିଛି ପ୍ରଶ୍ନ। ଯେଉଁମାନେ ଦୁର୍ନୀତିରେ ସମ୍ପୃକ୍ତ ଅଛନ୍ତି ସେମାନେ ତଦନ୍ତ ଦାୟିତ୍ୱରେ ଥିବାରୁ ପ୍ରାରମ୍ଭରୁ ଦୁର୍ନୀତି ଚାପିବାକୁ ପ୍ରୟାସ ଆରମ୍ଭ ହୋଇଛି। ଫଳରେ ଜିଲାପାଳ ଯେଉଁ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ତାହା ଫସର ଫାଟିଥିବା ଏଠାରେ ଆଲୋଚନା ହେଉଛି।

ଅଭିଯୋଗ ଅନୁସାରେ ସ୍ୱଚ୍ଛ ଭାରତ ମିଶନରେ ନିର୍ମାଣ ହେଉଥିବା ପାଇଖାନାରେ ୧୨ ହଜାର ଅନୁଦାନ ମିଳୁଛି। ତେବେ ଏଥିପାଇଁ ୩ରୁ ୪ହଜାର ଲାଞ୍ଚ ଦେବାକୁ ପଡୁଛି। ୩ରୁ ୪ ହଜାର ପିସି ଦେଇଥିବା ହିତାଧିକାରୀ ବିଲ୍ ପାଇ ସାରିଲେଣି। ଯେଉଁମାନେ ପିସି ଦେଉ ନାହାନ୍ତି ସେମାନେ ପାଇଖାନା

### ଫସର ଫାଟିଲା ଜିଲାପାଳଙ୍କ ନିର୍ଦ୍ଦେଶ

ନିର୍ମାଣ ପରେ ବି ସରକାରୀ ଅନୁଦାନ ପାଉ ନାହାନ୍ତି। କନ୍ଧନୟାଗଡରେ ପ୍ରାୟ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହରିଲୁଟ୍ ହୋଇ ସାରିଲାଣି। ଏହାର ତଦନ୍ତ ପାଇଁ ସ୍ଥାନୀୟ ଲୋକେ ରଣପୁର ବିଡିଓ, ଜିଲାପାଳଙ୍କୁ ଅବଗତ କରିଥିଲେ। ଅଭିଯୋଗ ପରେ ପାଇଖାନାରେ ପିସି କାରବାରକୁ ସରପଞ୍ଚ ସ୍ୱୀକାର କରି ବ୍ଲକ ଦୁଇ ହଜାର ଟଙ୍କା ନେଉଥିବା କହିଥିଲେ। ସରପଞ୍ଚଙ୍କ ପିସି ସ୍ୱୀକାର ସମ୍ପର୍କରେ ଜିଲାପାଳଙ୍କୁ ପଚାରିବାରୁ ସେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ତେବେ ଦୁର୍ନୀତିରେ ସମ୍ପୃକ୍ତ ଥିବା କର୍ମଚାରୀ ତଦନ୍ତ ଦାୟିତ୍ୱ ନେଇଥିବାରୁ ଅଭିଯୋଗକାରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ କନ୍ଧନୟାଗଡ଼ରେ ପାଇଖାନା ଦୁର୍ନୀତି ଶୀର୍ଷକରେ ଗତ ୫ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ବିଡିଓ ୬ଜଣିଆ କମିଟି ଗଠନ କରିବ ତଦନ୍ତ କରାଇଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ୨ଅଭିଯୁକ୍ତ ଗିରଫ

**ଭାପୁର,୬।୧୧(ଡି.ଏନ.ଏ.)**

ଭାପୁର ବ୍ଲକ ଫତେଗଡ଼ ଥାନା ପାର୍ବତୀପୁର ଗ୍ରାମର ଲବ ମହାପାତ୍ର (୨୧)ଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଙ୍ଗାଧର ବେହେରା ଏବଂ ସିପୁନ ମହାନ୍ତି। ଗତ ମାସ ୧୭ ତାରିଖରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ୫ଜଣ ଯୁବକ ଲବଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଏ ସମ୍ପର୍କରେ ଫତେଗଡ଼ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ନଂ୧୬୭/୧୯ରେ ଏକ ମକଦ୍ଦମା ସୁବାସ ବେହେରା, ଯିଶୁ ସ୍ୱାଇଁ, ଗଙ୍ଗାଧର ବେହେରା, ସିପୁନ ମହାନ୍ତି ପ୍ରମୁଖ ୫ଜଣଙ୍କ ନାମରେ ରୁଜୁ କରିଥିଲା। ଘଟଣାଦିନ ଠାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ପୋଲିସ ସେମାନଙ୍କୁ ଖୋଜୁଥିଲା ବେଳେ ସେମାନେ ଚକ୍‌ମା ଦେଖାଇ ବୁଲୁଥିଲେ। ସେମାନଙ୍କ ମଧ୍ୟରୁ ଗଙ୍ଗାଧର ଏବଂ ସିପୁନ କଳାପଥର ପେଟ୍ରୋଲ ଟାଙ୍କି ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ବୁଲୁଥିବା ସୂଚନା ପାଇ ପୋଲିସ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା। ଅଭିଯୁକ୍ତ ଦ୍ୱୟଙ୍କୁ ବୁଧବାର ଭାପୁର ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରାଯାଇଥିଲା। କୋର୍ଟରେ ସେମାନଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ବସ୍ ଓଲଟି ୧୫ରୁ ଉର୍ଦ୍ଧ୍ୱ ଆହତ




ଓଲଟି ପଡ଼ିଥିବା ବସ୍।

**ନୟାଗଡ଼ ଅଫିସ,୬।୧୧**

ନୟାଗଡ଼ ଜିଲା ଶରଣକୁଳ ଥାନା ବଡ଼ପୁଟ ଛକଠାରେ ବୁଧବାର ଭୋର ସମୟରେ ଏକ ବସ୍ ଓଲଟି ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଓଡ଼ି ୦୭ ଏଫ ୭୯୮୯ନମ୍ବର ବିଶିଷ୍ଟ ବସ୍‌ରେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଅଞ୍ଚଳର କିଛି ବ୍ୟକ୍ତି ଘଟଗାଁ ତାରିଣୀଙ୍କୁ ଦର୍ଶନ କରିବାକୁ ଯାଇଥିଲେ। ବୁଧବାର ଫେରୁଥିବା ବେଳେ ବଡ଼ପୁଟ ଛକଠାରେ ବସ୍‌ଟି ଭାରସାମ୍ୟ ହରାଇ ବିଲକୁ ଓଲଟି ପଡ଼ିଥିଲା। ଫଳରେ ବସ୍‌ରେ ଥିବା ୧୫ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ଅନ୍ୟମାନେ ବର୍ତ୍ତି ଯାଇଛନ୍ତି। ମଦନ ନାୟକ, ସୁଦାମ ସ୍ୱାଇଁ, ସତ୍ୟ ନାୟକ, ବସନ୍ତ ସ୍ୱାଇଁ, ବଂଶୀ ଗୌଡ଼, ଯାଜ୍ଞସେନୀ ମହାକୁଡ଼, ରୋହନ ସେଠୀ ପ୍ରମୁଖ ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଉଦ୍ଧାର କରି ପ୍ରଥମେ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କ ଅବସ୍ଥା ଭଲ ଥିବାରୁ ଘରକୁ ଯାଇଥିବା ଜଣାପଡ଼ିଛି। ଶରଣକୁଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସ୍‌ଟିକୁ ଜବତ କରିଥିବା ବେଳେ ଏ ନେଇ ଏକ ମାମଲା ରୁଜୁ କରିଥିବା ସୂଚନା ଦେଇଛି।

## ଛାତ୍ରୀଙ୍କୁ ଅସଦାଚରଣ ଘଟଣା: ଫେରାର ଶିକ୍ଷକଙ୍କ ଆତ୍ମ ସମର୍ପଣ

**ଗଣିଆ,୬।୧୧(ଡି.ଏନ୍.ଏ.)**–ଗଣିଆ ବ୍ଲକ କିଶୋରପ୍ରସାଦ ପଞ୍ଚାୟତର ଏକ ପ୍ରାଥମିକ ବିଦ୍ୟାଳୟର ଜନୈକା ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଜଣେ ଶିକ୍ଷକ ୨୦୧୭ ମାର୍ଚ୍ଚ ୨୯ରେ ଅସଦାଚରଣ କରି ଫେରାର ହୋଇଯାଇଥିଲେ। ଏହି ଘଟଣାର ଅଢେଇ ବର୍ଷ ପରେ ସମ୍ପୃକ୍ତ ଶିକ୍ଷକ ଜିଲା ସ୍ପେଶାଲ ଜଜ୍ କୋର୍ଟରେ କିଛି ଦିନ ତଳେ ଆତ୍ମ ସମର୍ପଣ କରିଛନ୍ତି। ଗଣିଆ ପୋଲିସ ଶିକ୍ଷକ ଜଣଙ୍କୁ ରିମାଣ୍ଡରେ ଆଣି ଡାକ୍ତରି ମାଇନା ପରେ କୋର୍ଟରେ ହାଜର କରିଥିବା ଜଣାପଡିଛି। ପ୍ରକାଶ ଯେ, ୨୦୧୭ ମାର୍ଚ୍ଚ ୨୯ ତାରିଖରେ ସକାଳୁଆ ସ୍କୁଲ ଚାଲିଥିଲା। ଖେଳଛୁଟି ସମୟରେ ଉକ୍ତ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସମୀର କୁମାର ରାଉତ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ଶ୍ରେଣୀଗୃହକୁ ଡାକି ଚକୋଲେଟ ଦେବା ସହ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ନିଜ ପରିବାର ଲୋକଙ୍କ ଆଗରେ ଏ ସମ୍ପର୍କରେ ଜଣାଇଥିଲେ। ଏନେଇ ନୟାଗଡ ଜିଲା ଚାଇଲ୍ଡ ଲାଇନର ନିର୍ଦ୍ଦେଶିକା ଉଷା ପଟ୍ଟନାୟକ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିବର୍ଷ ଏପ୍ରିଲ ୨ରେ ପୋଲିସ ଏକ ମାମଲା (ନଂ.୧୨/୧୭) ରୁଜୁ କରିଥିଲା।

## ଭାପୁର ବ୍ଲକର ବିଭିନ୍ନ ଗ୍ରାମରେ ସପ୍ତାଙ୍ଗ ଆରମ୍ଭ

**ଭାପୁର,୬।୧୧(ଡି.ଏନ.ଏ.)**

କାର୍ତ୍ତିକ ଶେଷ ସପ୍ତାହରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନରେ ସପ୍ତାଙ୍ଗ ଯଜ୍ଞ ଆରମ୍ଭ ହୋଇଛି। ଏହା ଅଁଳାନବମୀଠାରୁ ଆରମ୍ଭ ହୋଇ ପୂର୍ଣ୍ଣମୀରେ ସମାପ୍ତ ହୋଇଥାଏ। ଏ ବର୍ଷ ଅଁଳାନବମୀ ତିଥି ୨ ଦିନ ରହିଥିବାରୁ କେତେକ ସ୍ଥାନରେ ମଙ୍ଗଳବାର ଓ କେତେକ ଗ୍ରାମରେ ବୁଧବାର ଏହି ସପ୍ତାଙ୍ଗ ଯଜ୍ଞ ଆରମ୍ଭ ହୋଇଛି। ଏହି ପୂଜାରେ ସର୍ବନିମ୍ନ ୭ ଜଣରୁ ଅଧିକ ବ୍ୟକ୍ତି ହାତରେ ବ୍ରତ ବାନ୍ଧି ଯଜ୍ଞ ହେଉଥିବା ସ୍ଥାନରେ ରହିଥାନ୍ତି। ସକାଳୁ ସୂର୍ଯ୍ୟ ପୂଜା ସହ ଯଜ୍ଞ ଆରମ୍ଭ ହୋଇଥାଏ। ଦିନ ତମାମ ଭାଗବତ ପୁରାଣ ପାଠ କରାଯାଇଥାଏ। ସନ୍ଧ୍ୟାରେ ଆକାଶ ଦୀପ ଜଳାଯାଇଥାଏ। କାର୍ତ୍ତିକ ପୂର୍ଣ୍ଣମୀରେ ଯଜ୍ଞ ଉଦ୍‌ଯାପିତ ହୋଇଥାଏ। ଭାପୁର ବ୍ଲକର ଖଇରଗାଡ଼ିଆ, ନିହଲପ୍ରସାଦ, ମନ୍ଦାରବେରେଣ, ଫତେଗଡ଼, ବିଜିପୁର, କରବର, ପଦ୍ମାବତୀ, ଭାପୁର, ମାଳିବେରେଣି ଗ୍ରାମ ସହ ଅନେକ ଗ୍ରାମରେ ଏହି ସପ୍ତାଙ୍ଗ କାର୍ଯ୍ୟ ଚାଲିଛି।

## ଗ୍ରାମର ବିକାଶ ପାଇଁ ଏକତା ଆବଶ୍ୟକ

**ଖଣ୍ଡପଡ଼ା,୬।୧୧(ସ୍ୱ.ପ୍ର.)**

ହୀନ ରାଜନୈତିକ ମନୋଭାବ ଯୋଗୁ ୧୫ ହଜାର ଜନସଂଖ୍ୟା ବିଶିଷ୍ଟ ରାଜସ୍ୱ ଗ୍ରାମ ଭାବେ ପରିଚିତ କଣ୍ଟିଲୋ ଗ୍ରାମ ପଞ୍ଚାୟତରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁ ନାହିଁ। ଏହି ପରିପ୍ରେକ୍ଷୀରେ ନାଗରିକ ମଞ୍ଚ ପରାମର୍ଶକ୍ରମେ ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁଙ୍କ ଆବାହକତ୍ୱରେ ବୁଧବାର ପଞ୍ଚାୟତ ସଭାଗୃହରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଅବସରପ୍ରାପ୍ତ କର୍ମଚାରୀ, ରାଜନୈତିକ ବ୍ୟକ୍ତିବିଶେଷ ଯୋଗଦାନ କରି କଣ୍ଟିଲୋବାସୀ ଏକ ହୋଇପାରିଲେ ଗ୍ରାମର ବିକାଶ ହୋଇପାରିବ ବୋଲି ମତପ୍ରଦାନ କରିଥିଲେ।

ମନ୍ଦିରର ବିକାଶ, ଜଳ ଓ ବିଦ୍ୟୁତ୍ ଯୋଗାଣ, ମଦ ପ୍ରସାର ବନ୍ଦ କରିବା, ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ, ଡ୍ରେନେଜ ବ୍ୟବସ୍ଥା, ରାସ୍ତାରେ ଆଲୋକୀକରଣ, ସାହିବସ୍ତିକୁ ପ୍ରତ୍ୟହ ସଫେଇ ସର୍ବୋପରି ନୀଳମାଧବ ଜୀଉଙ୍କ ଚନ୍ଦନ ପୋଖରୀ ପୁନରୁଦ୍ଧାର ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଜନବହୁଳ ଗ୍ରାମ ଦୃଷ୍ଟିରୁ ଏଠାରେ ଥିବା ଫାଣ୍ଡିକୁ ଥାନାରେ ପରିଣତ କରିବା, ପର୍ଯ୍ୟଟନ କେନ୍ଦ୍ର ତଥା ମହାନଦୀରେ ପ୍ରତିବର୍ଷ ଅଘଟଣ ଘଟୁଥିବାରୁ ଏକ ଦମକଳ କେନ୍ଦ୍ର ପ୍ରତିଷ୍ଠା, ମହିଳା ମହାବିଦ୍ୟାଳୟ ସ୍ଥାପନ ପାଇଁ ପର୍ଯ୍ୟାୟ କ୍ରମେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତପ୍ରକାଶ ପାଇଥିଲା। ଏକ ସବ୍‌କମିଟି ମାଧ୍ୟମରେ ଉନ୍ନତିମୂଳକ କାର୍ଯ୍ୟ କରାଯିବାକୁ ସରପଞ୍ଚଙ୍କୁ ପରାମର୍ଶ ଦିଆଯାଇଥିଲା। ପ୍ରତିମାସରେ ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟ ଓ ସରପଞ୍ଚଙ୍କ ଉପସ୍ଥିତିରେ ଜନ ଶୁଣାଣି କାର୍ଯ୍ୟକ୍ରମ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ସଭାରେ ଜିଲାପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା, ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ, ଉପଦେଷ୍ଟା ପ୍ରଭାକର ଶିରୋମଣି, ଶ୍ରୀପତି ମହାରଣା, ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶ, ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ମିଶ୍ର, ହରିହର ଦାଶ, ନୀଳମାଧବ ଘରୋଇ ମୋଟର କର୍ମଚାରୀ ସଂଘ ସଭାପତି ଶରତ ଚନ୍ଦ୍ର ମହାରଣା, କ୍ଷେତ୍ରବାସୀ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସରପଞ୍ଚ ସାହୁ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଦେଇଥିଲେ।

### ଲୋକପ୍ରତିନିଧିଙ୍କ ଉପସ୍ଥିତିରେ ଜନଶୁଣାଣି କରାଯିବାକୁ ପ୍ରସ୍ତାବ



ବୈଠକରେ ଯୋଗ ଦେଇଥିବା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ।

■ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର

## ୬୮୦୧ ଜବ୍‌କାର୍ଡଧାରୀଙ୍କୁ କାମ ଯୋଗାଯାଇଛି

### ୧୭୯୦ ପ୍ରକଳ୍ପରେ ବ୍ୟୟ ହୋଇଛି ୩କୋଟି ୫ଲକ୍ଷ ଟଙ୍କା

**ଖଣ୍ଡପଡ଼ା,୬।୧୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରମୋଦ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏବିଡିଓ ଦୁର୍ଗାମାଧବ ରଥ, ଜିଲା ସାମାଜିକ ସମୀକ୍ଷକ ବିଜୟ କୁମାର ବଳିୟାର ସିଂହ, ବ୍ଲକ ସହକାରୀ ଯନ୍ତ୍ରୀ ବୃନ୍ଦାବନ ବରିହାଙ୍କ ସମେତ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ଉପସ୍ଥିତ ଥିଲେ। ବ୍ଲକ ପକ୍ଷରୁ ୨୦୧୯-୨୦ ଆର୍ଥିକବର୍ଷରେ ୨୨ ପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପଗୁଡିକ ସମ୍ପର୍କରେ ସହକାରୀ ପ୍ରକଳ୍ପ ଅଧିକାରିଣୀ ଜୟନ୍ତୀ ମିଶ୍ର ସୂଚନା ଦେଇଥିଲେ। ବ୍ଲକ ପ୍ରଶାସନ ଜରିଆରେ ୨୦୦୮ ଏପ୍ରିଲ ମାସରୁ ଏହି ଯୋଜନାରେ ବିଭିନ୍ନ ପ୍ରକଳ୍ପରେ ଅନୁଦାନ ଅର୍ଥ ବ୍ୟୟ ହୋଇଥିବା ବେଳେ ସର୍ବମୋଟ ୨୦,୧୫୭ ଗୋଟି ପରିବାରର ୫୪,୧୬୮ ସଦସ୍ୟଙ୍କୁ ଜବକାର୍ଡ ପ୍ରଦାନ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ୪୬୭୭ଗୋଟି ପରିବାରର ମୋଟ ୬୮୦୧ ଜବକାର୍ଡଧାରୀଙ୍କୁ ଏହି ଯୋଜନାରେ କାମ ଯୋଗାଇ ଦିଆଯାଇଛି। ତନ୍ମଧ୍ୟରୁ ୧୧ ପରିବାର ୧୦୦ଦିନର କାର୍ଯ୍ୟ କରିଛନ୍ତି। ସର୍ବମୋଟ ୧,୨୪,୯୭୪ ଗୋଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି। ସେହିପରି ବିଭିନ୍ନ ବିଭାଗ ଜରିଆରେ ୧୭୯୦ ଗୋଟି ପ୍ରକଳ୍ପରେ ସର୍ବମୋଟ ୩କୋଟି ୫ଲକ୍ଷ ୯ହଜାର ଟଙ୍କା ବ୍ୟୟ ହୋଇଥିବା ସୂଚନା ଦିଆଯାଇଥିଲା। ଜଳ ସଂରକ୍ଷଣ କ୍ଷେତ୍ରରେ ୫ଗୋଟି ପ୍ରକଳ୍ପ ଜରିଆରେ ୭୭ ହଜାର ଟଙ୍କା ବ୍ୟୟ ହୋଇଛି। ପୁରାତନ ପୁଷ୍କରିଣୀ ଖନନ ନିମନ୍ତେ ୬୯ ଗୋଟି ପ୍ରକଳ୍ପ ଜରିଆରେ ୧କୋଟି ୧୬ ଲକ୍ଷ ୪୮ ହଜାର ଟଙ୍କା ମଞ୍ଜୁର ହୋଇଥିବା ବେଳେ ୧୬ ପ୍ରକଳ୍ପରେ ୨୯ଲକ୍ଷ ୯୭ ହଜାର ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ଶେଷ ହୋଇଛି। ବିଭିନ୍ନ ପଞ୍ଚାୟତରେ ମରୁଡି ପ୍ରତିକାର ନିମନ୍ତେ ୨୭୪ ପ୍ରକଳ୍ପ ନିମନ୍ତେ ୨୩ ଲକ୍ଷ ୨୪ ହଜାର ଟଙ୍କା ବ୍ୟୟ ହୋଇଛି। ୩୬ ଅଙ୍ଗନୱାଡି କେନ୍ଦ୍ର ନିମନ୍ତେ ଅନୁଦାନ ମଞ୍ଜୁର ହୋଇଥିବା ବେଳେ ୧୧ କେନ୍ଦ୍ର ୩୬ଲକ୍ଷ ୫୮ ହଜାର ଟଙ୍କା ବ୍ୟୟରେ ଶେଷ ହୋଇଛି। ଗ୍ରାମାଞ୍ଚଳରେ ପରିମଳ ବ୍ୟବସ୍ଥାର ଉନ୍ନତି ନିମନ୍ତେ ୪୪ ହଜାର ଟଙ୍କା ବ୍ୟୟରେ ୧୯୨ଟି ପ୍ରକଳ୍ପ କାର୍ଯ୍ୟ କରାଯାଇଛି। ଆର୍ଥିକବର୍ଷରେ ଅଣକୁଶଳୀ ଶ୍ରମିକ ବାବଦରେ ୨କୋଟି ୨୪ଲକ୍ଷ ୨୯ ହଜାର ଟଙ୍କା, କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକ ବାବଦରେ ୯୫ ହଜାର, ଉପକରଣ ବାବଦକୁ ୬୦.୨୨ ଲକ୍ଷ ଓ ପ୍ରଶାସନିକ ଖର୍ଚ୍ଚ ବାବଦକୁ ୧୭.୯୧ ଲକ୍ଷ ଏପରି ମୋଟ ୩କୋଟି ୩ଲକ୍ଷ ୩୭ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବିଭାଗୀୟ ଅଧିକାରିଣୀ ସୂଚନା ଦେଇଥିଲେ। ସମସ୍ତ ପଞ୍ଚାୟତରୁ ଜବ୍‌କାର୍ଡଧାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଭିନ୍ନ ବିଭାଗର ପଦାଧିକାରୀ ଶିବିରରେ ଉପସ୍ଥିତ ଥିଲେ।



ଶିବିରରେ ଯୋଗ ଦେଇଥିବା ଅତିଥିମାନେ।